READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୪ ସଂଖ୍ୟା-୦୯ ୦୯ - ୧୫ ମାର୍ଚ୍ଚ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-09 09th - 15th MARCH, 2020 BHUBANESWAR ₹ 5/- (8 Pages)

## ଯେସ୍ ବ୍ୟାଙ୍କରେ ଶ୍ରୀମନ୍ଦିର ୫୪୫ କୋଟି ଟଙ୍କା

# ସବୁଠି ସନ୍ଦେହ, ତଦନ୍ତ ଦାବି

**ପୁରୀ :** ଏବେ ସଙ୍କଟରେ ଗତିକରୁଛି ଯେସ୍ ବ୍ୟାଙ୍କ। ଏହି ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ୫୪୫କୋଟି ଟଙ୍କା ଜମା ରହିଛି। ରାଜ୍ୟରେ ବହୁ ଜାତୀୟକରଣ ବ୍ୟାଙ୍କ ଥାଉ ଥାଉ ଯେସ୍ ବ୍ୟାଙ୍କରେ ଟଙ୍କା ରଖିବା ପଛରେ କାହାର ହାତ ରହିଛି ତାହାକୁ ନେଇ କୋଟି କୋଟି ଶ୍ରୀଜଗନ୍ନାଥ ପ୍ରେମୀ ତଥା ସାଧାରଣ ଜନତାଙ୍କ ମନରେ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଏହା ପଛରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଶ୍ରୀଜଗନ୍ନାଥ ସେନା ସମସ୍ତ ଘଟଣାର ସିବିଆଇ ତଦନ୍ତ ଦାବି କରିଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏଥିପାଇଁ କିଏ ଦାୟୀ ଓ ପରିଚାଳନା କମିଟିର ନିଷ୍ପତ୍ତି ନଥାଇ କାହିଁକି କାହା ନିର୍ଦ୍ଦେଶରେ ଏହି ଘରୋଇ ବ୍ୟାଙ୍କରେ ଅର୍ଥ ଜମା ରଖାଗଲା ବୋଲି ପ୍ରଶ୍ନ କରିଛନ୍ତି। ଏହି ଅର୍ଥଜମା ରଖିବା ପାଇଁ କେଉଁ ଅଧିକାରୀମାନେ ବିଦେଶଗସ୍ତ କରିବା ସହ ବ୍ୟାଙ୍କରୁ ସୁନା, ଗହଣା ଓ ଅନ୍ୟାନ୍ୟ ଲାଞ୍ଚ ନେଇଛନ୍ତି ସେ ବିଷୟରେ ତଦନ୍ତ କରାଯିବାକୁ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି



କରିଛନ୍ତି। ସଙ୍କଟରେ ପଡିଥିବା ଯେସ୍ ବ୍ୟାଙ୍କରେ ଜମା ଥିବା ଶ୍ରୀଜଗନ୍ନାଥ ମନ୍ଦିର ଟଙ୍କାର ଭବିଷ୍ୟତ ନେଇ ପ୍ରଶ୍ନ ଉଠିଥିଲା ବେଳେ ବିରୋଧୀମାନେ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି। ଆଇନମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଗଣମାଧ୍ୟମକୁ ଶ୍ରୀ ଜେନା କହିଛନ୍ତି ଯେ, କୌଣସି ପରିସ୍ଥିତିରେ ଶ୍ରୀମନ୍ଦିର ଟଙ୍କା ବୁଡିବାର ଆଶଙ୍କା ନାହିଁ। ଯେସ୍ ବ୍ୟାଙ୍କରେ ଥିବା ସ୍ଥାୟୀ ଜମାର ଅବଧି ଆସନ୍ତା ୧୬ ଓ ୨୯ ତାରିଖରେ ସରୁଛି। ତାହାପରେ ସେଠାରୁ ଟଙ୍କା ଉଠାଇ ଜାତୀୟକରଣ ବ୍ୟାଙ୍କରେ ଜମା କରାଯିବ। ସେହିପରି ଶ୍ରୀମନ୍ଦିରର ସମସ୍ତ ଟଙ୍କା ଜାତୀୟକରଣ ବ୍ୟାଙ୍କରେ ରଖିବାକୁ ମ୍ୟାନେଜିଂ କମିଟି ନିଷ୍ପତ୍ତି ନେଇସାରିଛି। ସୂଚନାଯୋଗ୍ୟ ଯେ, ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ଶ୍ରୀ ଜେନା ଦର୍ଶାଇଥିଲେ ଯେ, ଶ୍ରୀମନ୍ଦିରର ୫୯୨ କୋଟି ଟଙ୍କା ଯେସ୍ ବ୍ୟାଙ୍କରେ ଜମା ରହିଛି। ତାହା ମଧ୍ୟରୁ ୫୪୫ କୋଟି ଟଙ୍କା ଫିକ୍ସଡ଼ ଡିପୋଜିଟ୍। ଏହି ପ୍ରସଙ୍ଗରେ ବିରୋଧୀ ଦଳ ଗୁଡିକ ଟାର୍ଗେଟ କରିଥିଲା ବେଳେ କଂଗ୍ରେସ ବିଧାୟକ ସୁର ରାଉତରାଏ କହିଥିଲେ ଯେ, ଜାତୀୟକରଣ ବ୍ୟାଙ୍କରେ ଟଙ୍କା ରଖା ନଯାଇ କାହିଁକି ଘରୋଇ ବ୍ୟାଙ୍କରେ ରଖାଗଲା? ଏହାର ଏକ ନିରପେକ୍ଷ ତଦନ୍ତ ହେଉ। ଜଗନ୍ନାଥଙ୍କ ଟଙ୍କାକୁ ଏଭଳି ହେରଫେର କରାଗଲେ ➤ ପୃ-୬

## 'କିମ୍ବଦନ୍ତୀ ପୁରୁଷ ଥିଲେ ବିଜୁବାବୁ'



**ଭୁବନେଶ୍ୱର :** ବିଜୁ ବାବୁ ଥିଲେ କିମ୍ବଦନ୍ତୀ ପୁରୁଷ। ଏବେ ବି କିମ୍ବଦନ୍ତୀ ହୋଇ ରହିଛନ୍ତି। ଗୋଟିଏ ଶବ୍ଦରେ କହିବାକୁ ଗଲେ ସେ ହେଉଛନ୍ତି 'ମ୍ୟାନପ୍ ଅଫ୍ ଏ ମିଲିୟନ୍ ଲିଜେଣ୍ଡ। ରାଜ୍ୟର ବିକାଶ ତାଙ୍କର ପ୍ରଥମ ଏଜେଣ୍ଡା ଥିଲା। ଏହାଛଡା ସେ ଅନ୍ୟ କିଛି ଭାବୁ ନଥିଲେ। କ୍ଷୀପ୍ରଗତିରେ କାମ କରିବାକୁ ବିଜୁବାବୁ ସବୁବେଳେ ଚାହୁଁଥିଲେ। ତାଙ୍କ ୧୦୪ତମ ଜନ୍ମଦିନ ଅବସରରେ ତାଙ୍କ ସ୍ମୃତିକୁ ସବୁ ବର୍ଗର ଲୋକ ସ୍ନେହରେ ମନେ ପକାଉଛନ୍ତି। ବିଜୁ ବାବୁଙ୍କ ବୀରତ୍ୱ ସାରା ବିଶ୍ୱ ଜାଣିଥିବା ବେଳେ ଇଣ୍ଡୋନେସିଆର ସ୍ୱାଧୀନତାରେ ତାଙ୍କ ଯୋଗଦାନ ଅତୁଳନୀୟ ରହିଥିଲା। ସେହିପରି କାଶ୍ମୀର ମିଶନରେ ମଧ୍ୟ ସେ ଏଭଳି ଦୃଷ୍ଟାନ୍ତ ପ୍ରଦର୍ଶନ କରିଥିଲେ ବୋଲି ବିଜୁ ବାବୁଙ୍କ ଜୀବନୀ ଉପରେ ଆଧାରିତ "ଆଡ୍‌ଭେଞ୍ଚର୍ସ ଅଫ୍ ଦି ଡେୟାରଡେଭିଲ୍ ଡେମୋକ୍ରାଟ୍" ପୁସ୍ତକ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ➤ ପୃ-୬

## ୯୩ ଦେଶକୁ ବ୍ୟାପିଲା କରୋନା

# ଡବ୍ଲ୍ୟୁଏଚ୍‌ଓର ଚେତାବନୀ

**ନୂଆଦିଲ୍ଲୀ:** ବିଶ୍ୱବ୍ୟାପୀ କରୋନା ଭାଇରସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୯୩ ଦେଶକୁ ଏହି ଭାଇରସ ବ୍ୟାପିଥିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସୂତ୍ରରୁ ଜଣାପଡିଛି। ଆକ୍ରାନ୍ତଙ୍କ ସଂଖ୍ୟା ୧ଲକ୍ଷ ଟପିଥିବା ବେଳେ ୩ ହଜାରରୁ ଲୋକଙ୍କ କରୋନାରେ ମୃତ୍ୟୁ ହୋଇଛି। ଚୀନ୍‌ରେ ମୃତ୍ୟୁସଂଖ୍ୟା ସର୍ବାଧିକ। ଡବ୍ଲୁଏଚ୍‌ଓ ପୁଣିଥରେ କରୋନା ବ୍ୟାପିବା ନେଇ ଚେତାବନୀ ଦେବା ସହ ସବୁ ଦେଶ ଯୁଦ୍ଧକାଳୀନ ଭିତିରେ ଏହାର ମୁକାବିଲା କରିବା ପାଇଁ ଆହ୍ୱାନ ଦେଇଛି। ସବୁ ରାଷ୍ଟ୍ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପନ୍ଥା ଗ୍ରହଣ କଲେ ଏହି ବିଶାଳ ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା ସମ୍ଭବ ହୋଇପାରିବ ବୋଲି ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ



ଟେଡ୍ରୋସ୍ ଆଦାନମ କହିଛନ୍ତି। ଏହି ସଙ୍କଟର ମୁକାବିଲା କରିବା ପାଇଁ ବିଶ୍ୱସ୍ତରରେ ସମନ୍ୱୟ ଜରୁରୀ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛନ୍ତି। ଇଟାଲୀ-ଇରାନ ସ୍ଥିତି ସାଂଘାତିକ।

ସୂଚନା ଅନୁସାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ନୂଆଦିଲ୍ଲୀଠାରେ ନୋଭେଲ କୋରୋନା ଭୂତାଣୁ ➤ ପୃ-୬

# ଚଞ୍ଚକତା କରି ଅନ୍ୟର ଜମିକୁ ବିକ୍ରି କଲେ ଜମି ମାଫିଆ

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବାରିପଦା, (ସଦାନନ୍ଦ ସାହୁ):** ମୟୂରଭଞ୍ଜ ଜିଲ୍ଲାରେ ଆଇନ ଆଢୁଆଳରେ ରହି ଜମି ମାଫିଆ ସକ୍ରିୟ ହୋଇପଡ଼ିଛନ୍ତି। ପ୍ରକୃତ ଜମି ମାଲିକର ଅଗୋଚରରେ ତାଙ୍କର ଜମିକୁ ଚଞ୍ଚକତା କରାଯାଇ ଅନ୍ୟକୁ ବିକ୍ରି କରାଯାଉଥିବା ବେଳେ କେଉଁଠି ନିରକ୍ଷର ଆଦିବାସୀ ଲୋକଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ସେମାନଙ୍କ ସମ୍ପତ୍ତିକୁ ଚଞ୍ଚକତା ପୂର୍ବକ ଅନ୍ୟକୁ ବିକ୍ରି କରାଯାଉଥିବାର ଅଭିଯୋଗ ହେଉଛି। ଜିଲ୍ଲାରେ ଏହି ପ୍ରକାରର ଅଭିଯୋଗ ବର୍ତ୍ତମାନ ନିତିଦିନି ଘଟଣାରେ ପରିଣତ ହୋଇସାରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତପୂର୍ଣ୍ଣଚନ୍ଦ୍ରପୁର ରାଜସ୍ୱ ମୌଜାରେ ଜମି



ମାଲିକଙ୍କ ଅଗୋଚରରେ ତାଙ୍କର ସମ୍ପତ୍ତିକୁ ରାସଗୋବିନ୍ଦପୁର ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିବା ବିଷୟକୁ ନେଇ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଶିବିରରେ ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ଭୁରକୁଣ୍ଡି ଗ୍ରାମର ମାହାଳ ମହାନ୍ତଙ୍କର ମୋରଡ଼ା ଥାନା ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର -୨ ରାଜସ୍ୱ ମୌଜାରେ ଖାତା ନମ୍ବର ୧୦୫ ମୂଳେ ପ୍ଲଟ ନମ୍ବର ୩୦୨ ବାବଦ କିସମ ଡାହି-୧ ଏ୦.୨୯ଡେ.ମି, ପ୍ଲଟ ନମ୍ବର ୩୬୮ କିସମ ଶାରଦ-୨ ଏ୦.୨୧ ଡେ., ପ୍ଲଟ ନମ୍ବର ୩୮୧ କିସମ ଶାରଦ-୨ ଏ୦.୪୯ଡେ., ପ୍ଲଟ ନମ୍ବର ୪୦୫ କିସମ ଡାହି-୧ ଏ୧.୧୦ଡେ. ଏବଂ ପ୍ଲଟ ନମ୍ବର ୫୭୧ କିସମ ଶାରଦ-୨ ଏ୧.୧୭ଡେ. ଏହିପରି ମୋଟ ଏ୩.୨୫ ଡେ. ରେକର୍ଡ଼ ➤ ପୃ-୬

## ଏଥର ଜନମତ

ନିର୍ଭୟା ଦୋଷୀଙ୍କ ମୃତ୍ୟୁ ପରୱାନା ବାରମ୍ବାର ଘୁଞ୍ଚିବା ଦ୍ୱାରା ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା କମୁଛି କି?

ଶେଷପୃଷ୍ଠା ପଢ଼ନ୍ତୁ ...

## ବକ୍ରବାଣୀ



କରୋନା ଭୂତାଣୁ ଆଉଚି ମାଡି
ଚାଇନା ପିରତୀ ଯାଉଚି ଛାଡି
କରୋନା ଦାଉରୁ ବଞ୍ଚିବା ପାଇଁ
ଔଷଧ ଟିକିଏ ମିଳଇ ନାହିଁ
କରୋନା ଡେଉଁଚି ଦେଶକୁ ଦେଶ
କଳିକାଳ ସତେ କରିବ ଶେଷ
କରୋନା ପାଇଁକି ମୁହଁରେ ତୁଣ୍ଡୀ
ବେପାରୀ ଡିଅଁନ୍ତି ଆମକୁ ଭଣ୍ଡୀ
କରୋନା ଭୂତାଣୁ ରଙ୍ଗରେ ବୋଲି
ଭୁଲିଲେ ସଭିଏଁ ଯେ ବର୍ଷ ହୋଲି।

—— ଟୁଟୁ

# ୨୦ ଲକ୍ଷ ବାସହୀନଙ୍କୁ ମିଳିବ ପକ୍କାଘର

**ଭୁବନେଶ୍ୱର :** ଗ୍ରାମାଞ୍ଚଳର ବାସହୀନ ଲୋକଙ୍କ ପାଇଁ ଏକ ବୃହତ୍ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ୨୦ ଲକ୍ଷ ପକ୍କା ଘର ପାଇଁ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାବ୍ୟତୀତ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକସେବା ଭବନ ସମ୍ବଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ



କହିଲେ ଯେ ବିଜୁ ବାବୁଙ୍କ ସ୍ୱପ୍ନ ଥିଲା ସମସ୍ତଙ୍କ ପାଇଁ ପକ୍କା ଘର। ଖୁସିର କଥା, ଏଦିଗରେ ରାଜ୍ୟ ସରକାର ଅନେକ ବାଟ ଆସିପାରିଛନ୍ତି। ଆଗାମୀ ୪ ବର୍ଷ ଭିତରେ ଗରିବ ବାସହୀନ ଲୋକଙ୍କୁ ଆଉ ୨୦ ଲକ୍ଷ ପକ୍କା ଘର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ତାଙ୍କ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୯ ଜଣ ହିତାଧିକାରୀଙ୍କୁ ପକ୍କାଘର ଯୋଗ୍ୟତା ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ସେ ପକ୍କା ଘର ପ୍ରମାଣ ପତ୍ର ପାଇଥିବା ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ➤ ପୃ-୬






## କେମିତି କଟିବ ଏ ସପ୍ତାହ

**ମେଷ** ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଚାକରି କ୍ଷେତ୍ରର ଲାଗିଥିବା ବିବାଦ ସମାଧାନ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ବ୍ୟବସାୟରେ ସଫଳତା ମିଳିବ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପ୍ରାପ୍ତ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ବୃଷ** ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘଦିନରୁ ଲାଗି ରହିଥିବା ବିବାଦ ଦୂରହେବ। ସମସ୍ୟାର ସମାଧାନ ଘଟିବ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଜମିଜମା ବିବାଦ ଲାଗିରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**ମିଥୁନ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ।

**କର୍କଟ** ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**ସିଂହ** ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା** ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ରହିଛି। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ।

**ତୁଳା** ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ।

**ବିଛା** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ।

**ଧନୁ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ।

**ମକର** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇପବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ।

**କୁମ୍ଭ** ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛି ମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟରେ ଅଧିକ ଲାଭ ହେବ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବ୍ୟବସାୟରେ ସଫଳତା ପାଇବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ନିର୍ଭୟା ଦୋଷୀଙ୍କୁ ୨୦ରେ ଫାଶୀ

**ନୂଆଦିଲ୍ଲୀ :** ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ୪ ଦୋଷୀଙ୍କ ସମସ୍ତ ଆଇନ୍‌ଗତ ବିକଳ୍ପ ଶେଷ ହେବା ପରେ ଦିଲ୍ଲୀ କୋର୍ଟ ଗୁରୁବାର ଚତୁର୍ଥଥର ପାଇଁ ସେମାନଙ୍କ ବିରୋଧରେ ଡେଥ୍ ୱାରେଣ୍ଟ୍ (ମୃତ୍ୟୁ ପରୱାନା) ଜାରି କରିଛନ୍ତି। ଆସନ୍ତା ୨୦ ତାରିଖ ସକାଳ ୫.୩୦ରେ ୪ ଦୋଷୀଙ୍କୁ ଫାଶୀ ଦିଆଯିବ। ଗତ ବୁଧବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନ୍ୟତମ ଦୋଷୀ ପବନ ଗୁପ୍ତାର ରାଜକ୍ଷମା ଆବେଦନ ଖାରଜ କରିଥିଲେ। ଏଥିପୂର୍ବରୁ ୩ ଦୋଷୀଙ୍କ ଆଇନ୍‌ଗତ ବିକଳ୍ପ ଶେଷ ହୋଇଯାଇଥିଲା। ଫଳରେ ତିହାର୍ ଜେଲ୍ କର୍ତ୍ତୃପକ୍ଷ ତତ୍କାଳ ଡେଥ୍ ୱାରେଣ୍ଟ୍ ଜାରି କରିବା ପାଇଁ ଦିଲ୍ଲୀ କୋର୍ଟରେ ଆବେଦନ କରିଥିଲେ। ପଟିଆଲା ହାଉସ୍ କୋର୍ଟ ଗୁରୁବାର ଏହି ଆବେଦନ ଉପରେ ୪ ଦୋଷୀ ବିନୟ ଶର୍ମା, ଅକ୍ଷୟ ଠାକୁର, ମୁକେଶ ସିଂହ ଓ ପବନ ଗୁପ୍ତା ବିରୋଧରେ ଡେଥ୍ ୱାରେଣ୍ଟ୍ ଜାରି କରିଛନ୍ତି। ୪ ଦୋଷୀଙ୍କୁ ଫାଶୀ ଦିଆଯିବା ଲାଗି ଗତ ଜାନୁଆରୀ ୨୨ରେ ପ୍ରଥମେ ଡେଥ୍ ୱାରେଣ୍ଟ୍ ଜାରି ହୋଇଥିଲା। ମାତ୍ର ସେହି ସମୟରେ ଦୋଷୀଙ୍କ ଆଇନ୍‌ଗତ ବିକଳ୍ପ ଶେଷ ହୋଇନଥିବାରୁ ସେମାନଙ୍କ ଓକିଲ ଏପି ସିଂହ ଦିଲ୍ଲୀ ଜେଲ୍ ଆଇନ୍, ୨୦୧୮ର ନିୟମ ୮୩୬ ସମ୍ପର୍କରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେପର୍ଯ୍ୟନ୍ତ ଦୋଷୀଙ୍କ ଅପିଲ ଆବେଦନ ବିଚାରାଧୀନ ରହିଥିବ ସେପର୍ଯ୍ୟନ୍ତ ସେମାନଙ୍କ ଫାଶୀଦଣ୍ଡ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଏହି ନିୟମରେ ବ୍ୟବସ୍ଥା ରହିଥିବା ଆଡଭୋକେଟ୍ ଏପି ସିଂହ କୋର୍ଟଙ୍କୁ



ଜଣାଇଥିଲେ। ଫଳରେ ପ୍ରଥମ ଫାଶୀ ଦଣ୍ଡାଦେଶ ଫେବୃଆରୀ ୧କୁ ଘୁଞ୍ଚିଥିଲା। ଏହାପରେ ଦିଲ୍ଲୀ କୋର୍ଟ ଗତ ଜାନୁଆରୀ ୩୧ରେ ଫାଶୀ ଦଣ୍ଡାଦେଶ ଉପରେ ରହିତାଦେଶ ଜାରି କରିଥିଲେ। ଫେବୃଆରୀ ୧୭ରେ କୋର୍ଟ ତୃତୀୟଥର ପାଇଁ ଡେଥ୍ ୱାରେଣ୍ଟ୍ ଜାରି କରି ମାର୍ଚ୍ଚ ୩ ସକାଳ ୬ରେ ଫାଶୀ ଦିଆଯିବାକୁ ସମୟ ଧାର୍ଯ୍ୟ କରିଥିଲେ। ଇତିମଧ୍ୟରେ ଦୋଷୀ ପବନ ଗୁପ୍ତା ଶେଷ ମୁହୂର୍ତ୍ତରେ ରାଜକ୍ଷମା ପାଇଁ ଆବେଦନ କରିବାରୁ ଧାର୍ଯ୍ୟ ସମୟରେ ଫାଶୀଦଣ୍ଡ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଗତ ବୁଧବାର ପବନ ଗୁପ୍ତାଙ୍କ ରାଜକ୍ଷମା ଆବେଦନ ଖାରଜ ହୋଇଯିବାରୁ ୪ ଦୋଷୀଙ୍କ ସମସ୍ତ ଆଇନ୍‌ଗତ ବିକଳ୍ପ ଶେଷ ହେବାପରେ ଚତୁର୍ଥଥର ପାଇଁ ଡେଥ୍ ୱାରେଣ୍ଟ୍ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ନିର୍ଭୟାଙ୍କ ପିତାମାତା ମାର୍ଚ୍ଚ ୨୦ରେ ନିଶ୍ଚିତ ରୂପେ ୪ ଦୋଷୀଙ୍କୁ ଫାଶୀ ଦିଆଯିବ ବୋଲି ଦୃଢ଼ ଆଶା ପ୍ରକାଶ କରିଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ-ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୨୩ ବର୍ଷୀୟା ପାରାମେଡିକାଲ୍ ଛାତ୍ରୀ ନିର୍ଭୟାଙ୍କୁ ଗଣଦୁଷ୍କର୍ମ କରାଯାଇ ତଳକୁ ଫିଙ୍ଗି ଦିଆଯାଇଥିଲା। ଏଥିରେ ଗୁରୁତର ହୋଇଥିବା ନିର୍ଭୟାଙ୍କର ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲ୍‌ରେ ମୃତ୍ୟୁ ଘଟିଥିଲା। ଏହି ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ରାମ ସିଂହ ଜେଲ୍‌ରେ ଆତ୍ମହତ୍ୟା କରିଥିଲାବେଳେ ଜଣେ ନାବାଳକ ଅଭିଯୁକ୍ତ ବାଳସୁଧାର ଗୃହରେ ୩ ବର୍ଷ କଟାଇବା ପରେ ମୁକ୍ତ ହୋଇଥିଲା।

# ‘ଉଜ୍ଜ୍ୱଳା’ ଗରିବ ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସୁଯୋଗ ଦେଇଛି : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଗରିବ ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସୁଯୋଗ ଦେଇଛି ବୋଲି ନୂଆଦିଲ୍ଲୀ ଠାରେ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ଉପଲକ୍ଷେ ମାଇକ୍ରୋସେଭ୍, ଗେଟ୍ସ ଫାଉଣ୍ଡେସନ ଏବଂ କ୍ଲିନଟନ୍ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା: ମହିଳାଙ୍କୁ ମିଳିଲା ସମ୍ମାନ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮ କୋଟିରୁ ଉର୍ଦ୍ଧ୍ୱ ମହିଳା ଲାଭାର୍ଥୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ମହିଳାଙ୍କ ସମ୍ମାନ ଓ ସ୍ୱାଭିମାନ ରକ୍ଷା କରିବା ସହ ସେମାନଙ୍କ ସଶକ୍ତିକରଣ ଆତ୍ମନିର୍ଭରଶୀଳ ଦିଗରେ ଅଗ୍ରସର କରିବା ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମୋଦି ସରକାରଙ୍କ ମହତ୍ୱପୂର୍ଣ୍ଣ ଏବଂ ମହତ୍ୱକାଂକ୍ଷୀ ପଦକ୍ଷେପ । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା କାରଣରୁ ଗରିବ ମହିଳାଙ୍କ ମଧ୍ୟରେ ଏଲ୍‌ପିଜି ଭଳି ସ୍ୱଚ୍ଛ ଇନ୍ଧନର ନିରନ୍ତର ବ୍ୟବହାର କରିବା ପାଇଁ ଉତ୍ସାହ ବଢ଼ିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ୨୦୧୪ ପର୍ଯ୍ୟନ୍ତ ଦେଶରେ ଏଲପିଜି ଉପଭୋକ୍ତାଙ୍କ ସଂଖ୍ୟା ମାତ୍ର ୧୩ କୋଟି ଥିଲା




। ମାତ୍ର ମୋଦି ସରକାର ଦାୟିତ୍ୱ ନେବା ପରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସାହାଯ୍ୟରେ ଆଜି ଏଲପିଜି ଉପଭୋକ୍ତାଙ୍କ ସଂଖ୍ୟା ୨୭.୭ କୋଟିକୁ ବୃଦ୍ଧି ପାଇଛି । ଗତ ୫ ବର୍ଷରେ ମୋଦି ସରକାର ଦେଶରେ ପ୍ରାୟ ୯୭ ପ୍ରତିଶତ ଘରେ ଏଲପିଜି ପହଁଚାଇବାର ସଫଳତା ହାସଲ କରିଛନ୍ତି ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ଅନୁସାରେ ପ୍ରତିବର୍ଷ ଦେଶରେ ପ୍ରାୟ ୫ ଲକ୍ଷ ମହିଳା ଘରୋଇ ଧୂଆଁ କାରଣରୁ ମୃତ୍ୟୁବରଣ କରୁଥିଲେ । ଏହି ବିଷାକ୍ତ ଧୂଆଁକୁ ସମାପ୍ତ କରିବା ମୋଦି ସରକାରଙ୍କ ଲକ୍ଷ୍ୟ ଥିଲା ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଏ ଦିଗରେ ବଡ ସକରାତ୍ମକ ପଦକ୍ଷେପ ଭାବେ ପ୍ରମାଣିତ ହୋଇଛି । ସେହିପରି ସଂପ୍ରତି କେନ୍ଦ୍ର ସରକାର ଗରିବଙ୍କ ପାଖରେ ଏଲପିଜିର ବ୍ୟବହାରକୁ ବଢାଇବା ଦିଗରେ ଯୋର ଦେଉଛନ୍ତି । ବର୍ତମାନ ଦେଶର ସାଧାରଣ ଲୋକମାନେ ବାର୍ଷିକ ହାରାହାରି ପ୍ରାୟ ୭ ଥର ଏଲପିଜି ରିଫିଲ କରୁଥିବା ଅପେକ୍ଷା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ୮୦ ପ୍ରତିଶତ ଲାଭାର୍ଥୀ ପ୍ରଥମ ବର୍ଷରେ ୪ରୁ ଅଧିକ ରିଫିଲ କରିଛନ୍ତି, ଯାହା ଉତ୍ସାହଜନକ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତରେ ଏଲପିଜିର ବ୍ୟବହାରକୁ ବଢାଇବା ଏବଂ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଉଜ୍ଜ୍ୱଳା ଯୋଜନା ଏକ ମଜବୁତ ଆଧାର ସଦୃଶ ହୋଇଛି । ଉର୍ଜାକୁ ଦେଶର ସବୁ ବର୍ଗର ଲୋକଙ୍କ ପାଖରେ ନିରନ୍ତର ଭାବରେ ସ୍ୱଚ୍ଛ ଓ ଶସ୍ତା ଦାମରେ ଓ ବ୍ୟବସ୍ଥିତ ପଦ୍ଧତିରେ ପହଁଚାଇବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନା ରହିଛି । ଏଲପିଜି ସାମାଜିକ ପରିବର୍ତନର ଏକ ବଡ ଉପ୍ରେରକ । ଏଥିପାଇଁ ସବୁ ଲୋକଙ୍କ ପାଖରେ ଏଲପିଜିର ଲାଭ ଓ ଏଲପିଜିକୁ ସଠିକ୍ ଭାବରେ ବ୍ୟବହାର କରିବାର ସୂଚନା ପହଁଚାଇବା ଜରୁରୀ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଗରିବ ଲୋକଙ୍କର ଆବଶ୍ୟକତା ଏବଂ ପକେଟ୍‌କୁ ସୁହାଇବା ଭଳି କମ୍ ମାତ୍ରାରେ ଏଲପିଜି ରିଫିଲ୍ ବିକ୍ରି କରିବାର ପ୍ରଣାଳି ଉପରେ ବିଚାରବିମର୍ଷ କରିବା ପାଇଁ ତୈଳ ବିପଣନ କମ୍ପାନୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଦ୍ୱାରା ମହିଳାମାନେ ସଶକ୍ତିକରଣ ହେବା ଏବଂ ସ୍ୱଚ୍ଛ ଇନ୍ଧନର ବ୍ୟବହାର ଦ୍ୱାରା ସେମାନଙ୍କ ଜୀବନଶୈଳିରେ ଆସିଥିବା ସକରାତ୍ମକ ପରିବର୍ତନ ଉପରେ ଆଲୋଚନା ହୋଇଥିଲା।

## ଜିଆଇସାଟ୍-୧ ଉତ୍କ୍ଷେପଣ ସ୍ଥଗିତ



**ନୂଆଦିଲ୍ଲୀ :** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ (ଜିଏସ୍‌ଏଲ୍‌ଭି-ଏଫ୍‌୧୦) ଯୋଗେ ଉତ୍କ୍ଷେପଣ କରିବାକୁ ଥିବା ଜିଓ ଇମେଜିଂ ସାଟେଲାଇଟ୍ (ଜିଆଇସାଟ୍-୧) ବୈଷୟିକ ତ୍ରୁଟି କାରଣରୁ ସ୍ଥଗିତ ରହିଛି। ଇସ୍ରୋ ପକ୍ଷରୁ ଟ୍ୱିଟର୍‌ରେ ଏହି ସୂଚନା ଦିଆଯାଇଛି। ପୁଣି କେବେ ଜିଆଇସାଟ୍-୧ ଲଞ୍ଚ୍ କରାଯିବ ସେ ସମ୍ପର୍କରେ ଯଥା ସମୟରେ ସୂଚନା ଦିଆଯିବ ବୋଲି ଇସ୍ରୋ ଜଣାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଜିଆଇସାଟ୍-୧କୁ ଉତ୍କ୍ଷେପଣ କରାଯିବାର ଥିଲା। ୨୨୭୫ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଜିଆଇସାଟ୍-୧ ଏକ ଅତ୍ୟାଧୁନିକ ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଭାବରେ ପରିଚିତ।

# ଏପ୍ରିଲ୍‌ରୁ ମିଶିଯିବ ୧୦ ସରକାରୀ ବ୍ୟାଙ୍କ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ୧୦ଟି ରାଷ୍ଟ୍ରାୟତ ବ୍ୟାଙ୍କକୁ ୪ଟି ବ୍ୟାଙ୍କରେ ବିଲୟ ସହିତ ବ୍ୟାପକ ବ୍ୟାଙ୍କ ସମ୍ମିଶ୍ରଣ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ଏଥିରେ ସାମିଲ ରହିଛି: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଓରିଏଂଟାଲ ବ୍ୟାଙ୍କ ଅଫ କମର୍ସ ଓ ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ବିଲୟ। କାନାରା ବ୍ୟାଙ୍କରେ ସିଣ୍ଡିକେଟ ବ୍ୟାଙ୍କର ମିଶ୍ରଣ। ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆରେ ଆନ୍ଧ୍ରା ବ୍ୟାଙ୍କ ଓ କର୍ପୋରେସନ ବ୍ୟାଙ୍କର ବିଲୟ। ଇଣ୍ଡିଆନ ବ୍ୟାଙ୍କରେ ଆହ୍ଲାବାଦ ବ୍ୟାଙ୍କର ମିଶ୍ରଣ। ଏହି ବିଲୟ ୧ ଏପ୍ରିଲ, ୨୦୨୦ ଠାରୁ ଲାଗୁ ହେବ ଏବଂ ଏହାର ପରିଣାମସ୍ୱରୂପ ରାଷ୍ଟ୍ରାୟତ କ୍ଷେତ୍ରର ୭ଟି ବଡ଼ ବ୍ୟାଙ୍କ ସୃଷ୍ଟି ହେବ। ପ୍ରତ୍ୟେକ ଏକୀକୃତ ବ୍ୟାଙ୍କରେ ୮୦ ଲକ୍ଷ କୋଟି ଟଙ୍କାରୁ ଅଧିକ କାରବାର ସହିତ ଏହାର ରାଷ୍ଟ୍ରୀୟ ପ୍ରସାର ମଧ୍ୟ ବିସ୍ତାରିତ ହେବ। ଏହି ବ୍ୟାପକ ବ୍ୟାଙ୍କ ସମ୍ମିଶ୍ରଣ ଫଳରେ ଭାରତୀୟ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ ତୁଳନାତ୍ମକ କ୍ଷେତ୍ରରେ ବିଶ୍ୱସ୍ତରୀୟ ବ୍ୟାଙ୍କଗୁଡ଼ିକ ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସକ୍ଷମ ହୋଇପାରିବେ। ଏହି ଏକୀକରଣ ଫଳରେ ବ୍ୟାପକ ପୁଞ୍ଜିଗତ ଲାଭ ବୃଦ୍ଧି ପାଇବ ଫଳରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ ଭାରତୀୟ ବ୍ୟାଙ୍କିଙ୍ଗ ପ୍ରଣାଳୀରେ ନିଜର ପ୍ରତିଦ୍ୱନ୍ଦ୍ୱୀ କ୍ଷମତା ଏବଂ ସକାରାତ୍ମକ ପ୍ରଭାବକୁ ସମ୍ପ୍ରସାରିତ କରିପାରିବେ। ଏହାବ୍ୟତୀତ ଏହି ବିଲୟ ଫଳରେ ବ୍ୟାଙ୍କଗୁଡ଼ିକରେ ବ୍ୟାପକ ପରିମାଣରେ ଋଣ ସହାୟତା ସହିତ ଆର୍ଥିକ କ୍ଷମତା ମାଧ୍ୟମରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରିଚାଳନାକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ସମସ୍ତ ସମନ୍ୱିତ ବ୍ୟାଙ୍କରେ ସର୍ବୋତମ କାର୍ଯ୍ୟପ୍ରଣାଳିକୁ ଆପଣାଇବା ଫଳରେ ସେମାନଙ୍କ ପୁଞ୍ଜି ବିନିଯୋଗ ଦକ୍ଷତା ଓ ବିପତି ପରିଚାଳନାରେ ସୁଧାର ଆସିପାରିବ। ବ୍ୟାଙ୍କଗୁଡ଼ିକର ବ୍ୟାପକ ବିସ୍ତାର ଫଳରେ ଆର୍ଥିକ ସମାବେଶନ ଲକ୍ଷ୍ୟ ମଧ୍ୟ ବୃଦ୍ଧି ପାଇବ। ସମସ୍ତ ଏକୀକୃତ ବ୍ୟାଙ୍କରେ ଉନ୍ନତ ଜ୍ଞାନକୌଶଳକୁ ଆପଣାଇବା ଫଳରେ ବ୍ୟାପକ ଯୋଗ୍ୟ ସମୂହ ଏବଂ ଏକ ବଡ଼ ଡାଟା ବେସ ପର୍ଯ୍ୟନ୍ତ ପହଁଚ ସୁନିଶ୍ଚିତ ହେବ। ଏଥିସହିତ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ ଖୁବ ଦ୍ରୁତ ଗତିରେ ଡିଜିଟାଲ ହେଉଥିବା ବ୍ୟାଙ୍କିଙ୍ଗ ପରିଦୃଶ୍ୟରେ ବିଶ୍ଳେଷାତ୍ମକ କାର୍ଯ୍ୟକ୍ଷମତା ଦ୍ୱାରା ପ୍ରତିଦ୍ୱନ୍ଦ୍ୱିତାର ଲାଭ ନେବାର ସ୍ଥିତିରେ ରହିପାରିବେ।

# ପିଏଫ୍ ସୁଧହାର ୦.୧୫% କମିଲା

**ନୂଆଦିଲ୍ଲୀ :** କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ପକ୍ଷରୁ ୬ କୋଟି କର୍ମଚାରୀଙ୍କୁ ବଡ଼ଧରଣର ଝଟ୍‌କା ଦିଆଯାଇଛି। ୨୦୧୯-୨୦ ଆର୍ଥିକବର୍ଷ ପାଇଁ ପିଏଫ୍ ଉପରେ ମିଳୁଥିବା ସୁଧହାରକୁ ୦.୧୫% ହ୍ରାସ କରାଯାଇଛି। ଏହା ପୂର୍ବରୁ ୨୦୧୮-୧୯ ଆର୍ଥିକବର୍ଷ ପାଇଁ ପିଏଫ୍ ଜମା ଉପରେ ୮.୬୯% ସୁଧହାର ମିଳୁଥିବାବେଳେ ଏହି ହ୍ରାସ ପରେ ବର୍ତ୍ତମାନ କର୍ମଚାରୀମାନେ ୮.୫୦% ହାରରେ ସୁଧ ପାଇବେ। ତେବେ ନିବେଶ ଉପରେ କମ୍ ରିଟର୍ଣ୍ଣ ମିଳୁଥିବା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଦୀର୍ଘ ଅବଧି ସ୍ଥାୟୀ ଜମା (ଏଫ୍‌ଡି), ବଣ୍ଡ୍ ଏବଂ ସରକାରୀ ପ୍ରତିଭୂମି (ଜି-ସେକ୍)ରୁ ହେଉଥିବା ଆୟରେ ଗତବର୍ଷ ୫୦-୮୦ ଆଧାର ଅଙ୍କ ହ୍ରାସ ହୋଇଥିଲା। ଯାହାଫଳରେ ଇପିଏଫ୍‌ଓକୁ ଚଳିତ ଆର୍ଥିକବର୍ଷରେ ସୁଧହାରକୁ ଅପରିବର୍ତ୍ତିତ ରଖିବାରେ ସମସ୍ୟା ହୋଇଛି। ପ୍ରକାଶଯୋଗ୍ୟ, ଇପିଏଫ୍‌ଓ ସଂକଟଗ୍ରସ୍ତ ଦୁଇଟି ରାଷ୍ଟ୍ରୀୟ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥା (ଏନ୍‌ବିଏଫ୍‌ସି) ଦିୱାନ୍ ହାଉସିଂ ଫାଇନାନ୍ସ (ଡିଏଚ୍‌ଏଫ୍‌ଏଲ୍) ଏବଂ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ୍ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ରେ ୪୫୦୦ କୋଟି ଟଙ୍କା ନିବେଶ କରିଛି। ଉଭୟ କମ୍ପାନୀ ପାଇଁ ବର୍ତ୍ତମାନ ସମୟରେ ସମାଧାନ ପ୍ରକ୍ରିୟା ଜାରି ରହିଥିବାବେଳେ ଏହାର ଶୀଘ୍ର ରିକୋଭରି ହେବାର ସମ୍ଭାବନା ଖୁବ୍ କମ୍ ବୋଲି ଉଲ୍ଲେଖ କରାଯାଇଛି। ଇପିଏଫ୍‌ଓ ମୋଟ ୧୮ ଲକ୍ଷ କୋଟି ଟଙ୍କା ନିବେଶ କରିଛି, ଯେଉଁଥିରୁ ୮୫% ଋଣ ବଜାର ଏବଂ ୧୫% ଏକ୍ସଚେଞ୍ଜ-ଟ୍ରେଡେଡ୍ ଫଣ୍ଡ୍‌ସ (ଇଟିଏଫ୍) ଜରିଆରେ ଇକ୍ୱିଟି ବଜାରରେ ନିବେଶ କରାଯାଇଛି।

# ୫ ବର୍ଷରେ ଭାରତୀୟ ବିତ୍ତଶାଳୀଙ୍କ ସଂଖ୍ୟା ବଢ଼ିବ

**ମୁମ୍ବାଇ :** ଆଗାମୀ ୫ ବର୍ଷ ମଧ୍ୟରେ ଭାରତୀୟ ବିତ୍ତଶାଳୀଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିବ। ବିଗତ ଦିନଗୁଡିକରେ ବିତ୍ତଶାଳୀଙ୍କ ସଂଖ୍ୟା ବୃଦ୍ଧି ପାଇ ଆସିଥିବା ବେଳେ ୫ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ୭୩ ପ୍ରତିଶତ ବୃଦ୍ଧି ଘଟିବ ବୋଲି ଆନ୍ତର୍ଜାତିକ ସଂସ୍ଥା ନାଇଟ୍ ଫ୍ରାଙ୍କ୍ ୱେଲ୍‌ଥ ରିପୋର୍ଟରେ କୁହାଯାଇଛି। ପୂର୍ବ ବର୍ଷଗୁଡିକରେ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଯିବା ସହିତ ଦୁଇ ପ୍ରମୁଖ ଅର୍ଥନୀତି ଆମେରିକା ଏବଂ ଚୀନ୍ ମଧ୍ୟରେ ଶୁଳ୍କ ବ୍ୟବସ୍ଥାକୁ ନେଇ ସୃଷ୍ଟି ହୋଇଥିବା ମତଭେଦ ବିଶ୍ୱ ଅଭିବୃଦ୍ଧି କ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହାବ୍ୟତୀତ ବିଭିନ୍ନ କାରଣକୁ ନେଇ କେତେକ ରାଷ୍ଟ୍ରମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ରାଜନୈତିକ ଉତ୍ତେଜନାକୁ ନେଇ ମଧ୍ୟ ସ୍ଥିତି ଭିନ୍ନ ରହିଥିଲା। ଏହାସତ୍ତ୍ୱେ ବିଶ୍ୱସ୍ତରରେ ସୁପର୍ ରିଚ୍ ବା ବିତ୍ତଶାଳୀଙ୍କ ସଂଖ୍ୟା ବୃଦ୍ଧିରେ କୌଣସି ପ୍ରଭାବ ପଡ଼ିନାହିଁ ବୋଲି ନାଇଟ୍ ଫ୍ରାଙ୍କ୍ ପକ୍ଷରୁ କୁହାଯାଇଛି। ବିଶେଷକରି ୨୦୧୯ରେ ଭାରତରେ ଆର୍ଥିକ ମାନ୍ଦାବସ୍ଥା ଦେଖାଯିବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପକ୍ଷେତ୍ର ପ୍ରଭାବିତ ହୋଇଥିଲେ ହେଁ ଏହି ବର୍ଷରେ ବିତ୍ତଶାଳୀଙ୍କ ଭାଗ୍ୟ ତେଜିଆନ୍ ରହିବା ସହିତ ସେମାନଙ୍କ ସଂଖ୍ୟାରେ ୫୧ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ପ୍ରାୟ ୩୦ ମିଲିୟନ ଡଲାର ବା ୨୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତିର ମାଲିକ ହୋଇଥିବା ବିତ୍ତଶାଳୀଙ୍କୁ ‘ଅଲଟ୍ରା-ହାଇ ନେଟ୍ ୱର୍ଥ ଇଣ୍ଡିଭିଜୁଆଲ୍’ (ୟୁଏଚ୍‌ଏନଡବ୍ଲ୍ୟୁଆଇ) ଶ୍ରେଣୀଭୁକ୍ତ କରାଯାଇଥିଲା ବେଳେ ୨୦୧୯ରେ ବିଶ୍ୱସ୍ତରରେ ଏହି ଶ୍ରେଣୀର ବ୍ୟକ୍ତିଙ୍କ ସଂଖ୍ୟାରେ ୩୧,୦୦୦ ବୃଦ୍ଧି ଘଟିଛି। ୨୦୧୮ ବର୍ଷ ତୁଳନାରେ ଏଥିରେ ୬.୪ ପ୍ରତିଶତ ବୃଦ୍ଧି ଘଟିଛି। ଭାରତରେ ଏଭଳି ବ୍ୟକ୍ତିଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟି ଚାଲିଥିବା ବେଳେ ୨୦୧୯ରେ ଏହି ସଂଖ୍ୟା ୫୯୮୬ରେ ପହଞ୍ଚିଛି। ତେବେ ଆଗାମୀ ୫ ବର୍ଷ ମଧ୍ୟରେ ଏହା ଦ୍ୱିଗୁଣିତ




ହୋଇ ଏହି ସଂଖ୍ୟା ୧୦,୩୫୪ରେ ପହଞ୍ଚିବ ବୋଲି ନାଇଟ୍ ଫ୍ରାଙ୍କ ୱେଲ୍‌ଥ ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ଭାରତର ଜିଡିପି ଅଭିବୃଦ୍ଧି ହାର ଅପେକ୍ଷାକୃତ ଭାବେ କମ୍ ରହିଥିଲେ ହେଁ ୨୦୨୨ ସୁଦ୍ଧା ଭାରତ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ। ଏହା ଯୋଗୁଁ ବିତ୍ତଶାଳୀଙ୍କ ସଂଖ୍ୟା ମଧ୍ୟ ଅନୁରୂପ ଭାବେ ବୃଦ୍ଧି ଘଟିବ ବୋଲି କୁହାଯାଇଛି। କେବଳ ସେତିକି ନୁହେଁ, ୨୦୨୪ ସୁଦ୍ଧା ଏସିଆ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ଭାବେ ଉଭା ହେବା ସହିତ ଏହି ମହାଦେଶ ଅନ୍ତର୍ଭୁକ୍ତ ବିଭିନ୍ନ ରାଷ୍ଟ୍ରର ବିତ୍ତଶାଳୀଙ୍କ ସଂଖ୍ୟା ମଧ୍ୟ ଅହେତୁକ ଭାବେ ବୃଦ୍ଧି ପାଇବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ୧୯୯୧ ମସିହାରେ ଭାରତରେ ଆର୍ଥିକ ଉଦାରୀକରଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା ବେଳେ ଇତିମଧ୍ୟରେ ୩୦ ବର୍ଷ ଅତିକ୍ରାନ୍ତ ହୋଇଛି। ଏହି ଉଦାରୀକରଣ ବ୍ୟବସ୍ଥାକୁ ନେଇ ବର୍ତ୍ତମାନ ସୁଦ୍ଧା ଭାରତର ବିଭିନ୍ନ ନିର୍ମାଣ ଏବଂ ସେବା କ୍ଷେତ୍ରରେ ଅନେକ ସଫଳତା ମିଳିବା ସହିତ ବିଶ୍ୱସ୍ତରରେ ଭାରତୀୟ ଅର୍ଥନୀତି ଉଲ୍ଲେଖଜନକ ସ୍ଥିତିରେ ପହଞ୍ଚିପାରିଛି। ବିଶ୍ୱର ୨୦ଟି ପ୍ରମୁଖ ଅର୍ଥନୈତିକ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କୁ ନେଇ ଉପରୋକ୍ତ ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ଅଧ୍ୟୟନ କରାଯାଇଥିବା ବେଳେ ଭାରତ ନେତୃତ୍ୱରେ ଏସିଆର ଅଭିବୃଦ୍ଧି ୭୩%, ସ୍ୱିଡେନ୍ ନେତୃତ୍ୱରେ ୟୁରୋପର ୫ଟି ରାଷ୍ଟ୍ରର ଅଭିବୃଦ୍ଧି ୪୭% ଏବଂ ଇଜିପ୍ଟ ନେତୃତ୍ୱରେ ଆଫ୍ରିକା ମହାଦେଶର ଅଭିବୃଦ୍ଧି ୬୬ % ରହିଥିବା କୁହାଯାଇଛି।

# ଏସ୍‌ସିବିରେ ମିଳିବ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା



**କଟକ :** ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ (ଏସସିବି)କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ(ଏମ୍ ପ୍ଲସ)ରେ ପରିଣତ କରିବା ପାଇଁ ସଂପ୍ରସାରିତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଓଡ଼ିଶା ବିକାଶ ଇତିହାସରେ ଏହା ଏକ ନୂତନ ପର୍ବ ଭାବେ ଯୋଡ଼ି ହୋଇଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କଟକ ବାଲିଯାତ୍ରା ଡଲପଡ଼ିଆରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଯୋଗଦେଇ କଟକ ବଡ଼ମେଡିକାଲର ଚିକିତ୍ସାସେବାରେ ଅଧିକ ଉନ୍ନତି ଅଣାଗଲେ ରାଜ୍ୟ ଓ ରାଜ୍ୟ ବାହାରର ରୋଗୀ ଉପକୃତ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏସ୍‌ସିବି ମେଡିକାଲ ହେଉଛି ରୋଗୀଙ୍କ ଆଶା ଓ ଭରସାର କେନ୍ଦ୍ର। ଏହି ବୃହତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନକୁ ଓଡ଼ିଶା ତଥା ଓଡ଼ିଶା ବାହାରରୁ ବହୁ ଲୋକ ଚିକିତ୍ସା ପାଇଁ ଆସୁଛନ୍ତି। ରୋଗୀମାନଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ତଥାପି ଏସ୍‌ସିବି ଭିତ୍ତିଭୂମିର ବିକାଶ ଜରୁରୀ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଏହାକୁ ଅଧିକ ଉନ୍ନତିକରଣ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଅଧିକରୁ ଅଧିକ ଲୋକ ଅତ୍ୟାଧୁନିକ ଚିକିତ୍ସାସେବା ପାଇ ପାରିବା ଏହି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବବି ବିଜେଡି ସାଂଗଠନିକ ମୁଖ୍ୟ



**ଭୁବନେଶ୍ୱର :** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶଙ୍କୁ ମିଳିଛି ନୂଆ ଦାୟିତ୍ୱ। ସେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଏଣିକି ବିଜେଡିର ସବୁ ସଂଗଠନର ଇନ୍‌ଚାର୍ଜ ରହିବେ ପ୍ରଣବ। ବିଜୁ ଜୟନ୍ତୀରେ ବିଜେଡି ଅଫିସରେ ଦଳର ସୁପ୍ରିମୋ ଆଜି ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ଏବଂ ବିଜେପୁର ଓ ପାଟକୁରା ଉପନିର୍ବାଚନରେ ସେ କଠିନ ପରିଶ୍ରମ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଅବସରରେ ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ଦଳର ଅଧ୍ୟକ୍ଷ ଯୁବନେତା ପ୍ରଣବ ପ୍ରକାଶ ଦାଶଙ୍କୁ ପରିଶ୍ରମର ଫଳ ପ୍ରଦାନ କରିଛନ୍ତି। ବିଜେପୁର ଓ ପାଟକୁରା ନିର୍ବାଚନରେ ପ୍ରଣବ ପ୍ରକାଶ ଦାସ ଦଳ ଦେଇଥିବା ଗୁରୁ ଦାୟିତ୍ୱ ନିଭାଇଥିଲେ। ଦଳକୁ ବିଜୟୀ କରିବା ପାଇଁ ପ୍ରାଣପ୍ରଣେ ଲାଗି ପଡିଥିଲେ ବିଜେଡିର ଏହି ଟାଣୁଆ ଯୁବନେତା। ଦଳର ଘଡିସନ୍ଧି ମୁହୂର୍ତ୍ତରେ ପ୍ରଣବ ତାଙ୍କର ଅଭିଜ୍ଞତା କୁହାଯାଉ କିମ୍ବା ଦଳ ପ୍ରତି ଆନୁଗତ୍ୟ ମାଧମରେ ଦଳ ସପକ୍ଷରେ ପରିସ୍ଥିତିକୁ ପରିବର୍ତ୍ତନ କରିଛନ୍ତି। ଆଉ ଏଥିପାଇଁ ଆଜି ଯୁବ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି ଦଳର ସୁପ୍ରିମୋ। ଏହି ନିଯୁକ୍ତିକୁ ଦଳର କର୍ମକର୍ତ୍ତା ସ୍ୱାଗତ କରିଛନ୍ତି। ଦଳରୁ ଆହୁରି ମଜଭୁତ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ସୁପ୍ରିମୋ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କ ହାତରେ ଏହି ଗୁରୁତ୍ୱପୂର୍ଣ୍ଣ ପଦଟି ପ୍ରଦାନ କରିଥିବା କର୍ମକର୍ତ୍ତା କହିଛନ୍ତି।

# ମଧୁସୂଦନ ଆଇନ ମହାବିଦ୍ୟାଳୟ ହେଲା ବିଶ୍ୱବିଦ୍ୟାଳୟ

**କଟକ :** ୧୮୫୯ ମସିହାରେ ପ୍ରତିଷ୍ଠା ହୋଇଥିବା କଟକ ବାର୍ ଆସୋସିଏସନ୍ ସହିତ ବହୁ ମହାନ ବ୍ୟକ୍ତି ବିଶେଷ ଜଡ଼ିତ। ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କର୍ମବୀର ଗୌରୀ ଶଙ୍କର ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତା ଜାନକୀ ନାଥ ବୋଷଙ୍କ ଭଳି ବହୁ ମହାନ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି ଆସୋସିଏସନ୍‌ର ସଭାପତି ପଦବୀ ମଣ୍ଡନ କରିଥିଲେ ବୋଲି ଆଇନମନ୍ତ୍ରୀ ପ୍ରତାପ ଜେନା ମତ ବ୍ୟକ୍ତ କରିଛନ୍ତି। ଶ୍ରୀ ଜେନା କଟକ ବାର୍ ଆସୋସିଏସନ୍‌ର ୧୬୦ତମ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଯେ କଟକ ବାର୍ ଆସୋସିଏସନ୍‌ର ଐତିହ ରହିଛି। ସେ କହିଲେ ଯେ ରାଜ୍ୟ ସରାକାର ଗତବର୍ଷ ୫୦ଟି ନୁଆ କୋର୍ଟ ପ୍ରତିଷ୍ଠା କରିଥିବାବେଳେ ଚଳିତବର୍ଷ ମଧ ବ୍ଲକ୍‌ସ୍ତରରେ ଆହୁରି ୫୦ଟି କୋର୍ଟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ରାଜ୍ୟ ସରକାର ବ୍ଲକ୍‌ସ୍ତରରେ ଆଇନ ସହାୟତା ଦେବା ନିମନ୍ତେ ମଧୁବାବୁ ଆଇନ ସହାୟତା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ମଧ ଆଇନଜୀବୀଙ୍କ କଲ୍ୟାଣକୁ ଗୁରୁତ୍ୱ ଦେଇ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ମଧ ବୃଦ୍ଧି କରିଛନ୍ତି। ଏଥିସହିତ ଜୁନ୍ ପହିଲାରୁ ଏମ୍‌ଏସ୍ ଲ' କଲେଜକୁ ଆଇନ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ଶ୍ରୀ ଜେନା କହିଥିଲେ। ଏଥିପୂର୍ବରୁ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ବସିବ। କଟକ ବାର୍ ଆସୋସିଏସନ୍‌ର ସଭାପତି ଉମାକାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କଟକ ବାର୍‌ର ବିକାଶରେ ଶ୍ରୀ ଜେନାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବାରବାଟୀ-କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପୂର୍ବରୁ ବାର୍‌ର ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ ଆସୋସିଏସନ୍‌ର ବିକାଶରେ ରାଜ୍ୟସଭା ସାଂସଦ ନରେନ୍ଦ୍ର ସ୍ୱାଇଁଙ୍କ ସହଯୋଗ ସମ୍ପର୍କରେ ଆଲୋକପାତ କରିବା ସହ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଟକ ବାର୍ ଆସୋସିଏସନ୍‌ର ପାଠାଗାର ସହିତ ଜଡ଼ିତ ପାଠାଗାର ଇନ୍‌ଚାର୍ଜ ଧନେଶ୍ୱର ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କ୍ୟାଟ୍‌ର ପୂର୍ବତନ ଉପାଧକ୍ଷ ମନୋରଞ୍ଜନ ମହାନ୍ତି, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଶୁଭେନ୍ଦ୍ର ପ୍ରସାଦ ମହାନ୍ତି, ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କଟକ ବାର୍‌ର ଉପସଭାପତି କୃପାସିନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏପ୍ରିଲ୍‌ରୁ ଶ୍ରୀମନ୍ଦିରରେ ପ୍ଲାଷ୍ଟିକ ବ୍ୟବହାର ନିଷେଧ



**ପୁରୀ :** ଏପ୍ରିଲ ପହିଲାରୁ ଶ୍ରୀମନ୍ଦିରରେ କଡାକଡି ଭାବେ ନିଷିଦ୍ଧ ହେବ ପ୍ଲାଷ୍ଟିକ ଓ ପଲିଥିନ୍‌ର ବ୍ୟବହାର। ପ୍ଲାଷ୍ଟିକ ତିଆରି ସାମଗ୍ରୀ ମନ୍ଦିର ଭିତରକୁ ଯାଇପାରିବ ନାହିଁ। ମନ୍ଦିର ଭିତରେ ପାନଛେପ ପକାଇଲେ ଏଣିକି ଦେବାକୁ ପଡିବ ୫୦୦ ଟଙ୍କା ଜୋରିମାନା। ମନ୍ଦିର ପରିସରର ସ୍ୱଚ୍ଛତା ରକ୍ଷା ପାଇଁ ସୃଷ୍ଟି କରାଯିବ ସଚେତନତା। ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏହି ସବୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହିତ ଠିକ୍ ସମୟରେ ନୀତି ସମ୍ପାଦନ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଠିକ୍ ସମୟରେ ମହାପ୍ରଭୁଙ୍କ ନୀତି ସମ୍ପାଦନ କରାଯିବା ପାଇଁ ବୈଠକରେ ସହମିତ ପ୍ରକାଶ ପାଇଥିଲା। ଛତିଶା ନିଯୋଗ ବୈଠକରେ ଅଧକ୍ଷତା କରିଥିଲେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର। ଭୋଗମଣ୍ଡପ ନୀତିକୁ ସୁବ୍ୟବସ୍ଥିତ କରାଯିବା ସହିତ ମେଣ୍ଢାପୋଡି, ଦୋଳପୂର୍ଣ୍ଣିମୀ ଓ ହୋଲି ନୀତି ସମ୍ପାଦନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଛତିଶା ନିଯୋଗ ବୈଠକ ପରେ ଗଣମାଧମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ପ୍ରକାଶ କରିଥିଲେ ଯେ ମାର୍ଚ୍ଚ ୮ ଓ ୯ ତାରିଖରେ ମେଣ୍ଢାପୋଡି ଓ ଅନ୍ୟାନ୍ୟ ନୀତି ସଂକ୍ରାନ୍ତରେ ପୂର୍ବରୁ ନୀତି ସବ୍‌କମିଟି ବୈଠକରେ ଆଲୋଚନା କରାଯାଇଥିଲା। ଠାକୁରଙ୍କ ନୀତି ଯେପରି ଠିକ ସମୟରେ ଆରମ୍ଭ ଓ ଶେଷ ହେବ ସେଥିନେଇ ସମସ୍ତେ ଏକମତ ହୋଇଥିଲେ। ଶୃଙ୍ଖଳିତ ଭାବେ ସୁଚାରୁ ରୂପେ ନୀତି ସମ୍ପାଦନରେ ସମସ୍ତେ ସହଯୋଗ କରିବେ। ଭୋଗମଣ୍ଡପ ନୀତିକୁ କିପରି ବ୍ୟବସ୍ଥିତ କରାଯିବ ସେଥିନେଇ ସମ୍ପୃକ୍ତ ୪ଟି ନିଯୋଗ ସହ ନୀତି ପ୍ରଶାସକ ଆଲୋଚନା କରିବେ। ମନ୍ଦିର ଭିତରେ ପାନଛେପ ପକାଇଲେ ୫୦୦ ଟଙ୍କା ଜୋରିମାନା ଆଦାୟ କରାଯିବ। ମନ୍ଦିର ଭିତରକୁ ପ୍ଲାଷ୍ଟିକ ଜିନିଷ ନେବା ଉପରେ କଟକଣା ଜାରିହେବ। ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରାଯିବ। ଜିଲ୍ଲାପାଳ ସମସ୍ତଙ୍କୁ ଡକାଇ ବୈଠକ କରି କ୍ରିୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରିବେ। ସେବାୟତ, ଅଧିକାରୀ, ପୁରୀର ବାସିନ୍ଦା ଓ ଭକ୍ତମାନେ ମନ୍ଦିର ଭିତରକୁ ପ୍ଲାଷ୍ଟିକ ସାମଗ୍ରୀ ନନେବା ପାଇଁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଥିଲେ।

# 'ଲୋକଙ୍କ ଇଚ୍ଛା ପୂରଣ କରିବା ଆମର ଦାୟିତ୍ୱ'



**ଭୁବନେଶ୍ୱର :** 'ମୋ ସରକାର' ଅଧୀନକୁ ପୁଣି ଆସିଲା ରାଜ୍ୟ ସରକାରଙ୍କ ଆଉ ୫ଟି ବିଭାଗ। ସାମିଲ୍ ହୋଇଥିବା ବିଭାଗଗୁଡ଼ିକ ହେଲା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ, ଶକ୍ତି, ଉଚ୍ଚଶିକ୍ଷା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା। ବୁଧବାର ୫ଟି ବିଭାଗକୁ ମିଶାଇ ଏପର୍ଯ୍ୟନ୍ତ ମୋଟ୍ ୨୭ଟି ବିଭାଗ 'ମୋ ସରକାର' ଅଧୀନକୁ ଆସିଛି। ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଲୋକଙ୍କ ଇଚ୍ଛାକୁ ସମ୍ମାନ ଜଣାଇବା ସହ ତାକୁ ସାକାର କରିବା ପାଇଁ ସରକାରୀ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟ କରନ୍ତୁ। ଏହା ହେଉଛି ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଲୋକମାନେ ଆମକୁ ସରକାର ଚଳାଇବା ପାଇଁ ଦାୟିତ୍ୱ ଦେଇଛନ୍ତି। ଆମେମାନେ ଲୋକଙ୍କ ସେବକ। ସେମାନଙ୍କ କାମ କରିବାକୁ ଆମେ ଅଛୁ। ଲୋକଙ୍କ ଦ୍ୱାରା ଦିଆଯାଇଥିବା ଦାୟିତ୍ୱ ପୂରଣ କରିବା ପାଇଁ ଆମେ ବାଧ। ଲୋକଙ୍କ ଇଚ୍ଛା ପୂରଣ କରିବା ଆମର ଦାୟିତ୍ୱ; ଏହା ଆମେ ସମସ୍ତେ ଭଲ ଭାବେ ଜାଣି ରଖିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଭିନ୍ନ ବିଭାଗୀୟ ମନ୍ତ୍ରୀମାନେ ଏଠାରେ ଯୋଗଦେଇ ସେମାନଙ୍କ ବିଭାଗ 'ମୋ ସରକାର' ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଥିଲେ। ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରି ମୋ ସରକାର ଦ୍ୱାରା ସାଧାରଣ ଲୋକେ କିଭଳି ଅଧିକରୁ ଅଧିକ ଉପକୃତ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ଆଗାମୀ ଦିନରେ ଏହା କିଭଳି ଅଧିକ ଲୋକାଦୃତ ହୋଇପାରିବ ସେ ନେଇ ମଧ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୫-ଟି ସଚିବ ଭିକେ ପାଣ୍ଡିଆନ୍ ଯାଜପୁର, ବାଲେଶ୍ୱର, ଅନୁଗୁଳ, ବରଗଡ଼, କଳାହାଣ୍ଡି ଏବଂ ରାୟଗଡ଼ାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସମସ୍ୟା ଓ ମୋ ସରକାର କାର୍ଯ୍ୟକାରୀ କରାଯିବା ନେଇ ଉପୁଜୁଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଆନ୍ତରିକତାର ସହ ଲୋକଙ୍କ ସମସ୍ୟା ପୂରଣ ଦିଗରେ କାର୍ଯ୍ୟ କରିବା ପାଇଁ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଏଣିକି ଅନ୍‌ଲାଇନ୍ ଟ୍ରେଡ୍ ଲାଇସେନ୍ସ

**ଭୁବନେଶ୍ୱର :** ଏଣିକି ରାଜଧାନୀର ବ୍ୟବସାୟୀମାନେ ଅନ୍‌ଲାଇନ୍‌ରେ ଟ୍ରେଡ୍ ଲାଇସେନ୍ସ ପାଇପାରିବେ। ହୋଲ୍ଡିଂ ଟ୍ୟାକ୍ସ ପୈଠ କଲାଭଳି 'ଭୁବନେଶ୍ୱର୍ ଡଟ୍ ମି" ୱେବସାଇଟ୍‌କୁ ଯାଇ ବ୍ୟବସାୟୀମାନେ ନିଜର ଟ୍ରେଡ୍ ଲାଇସେନ୍ସ କରିପାରିବେ। ମୋବାଇଲ ଫୋନ୍ ଦ୍ୱାରା ମଧ ଏହି ସୁବିଧା ମିଳିପାରିବ। ଏହି ଉଦ୍ଦେଶ୍ୟରେ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୬୭ଟି ୱାର୍ଡର ୱାର୍ଡ ଅଫିସର ଏବଂ ୧୪ ଜଣ ମିସ୍‌ସରକାରଙ୍କୁ ତିନୋଟି ବ୍ୟାଚ୍‌ରେ ପ୍ରଶିକ୍ଷଣ ଦିଆଯାଇଥିଲା। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ ଉକ୍ତ ପ୍ରଶିକ୍ଷଣର ଅନ୍‌ଲାଇନ୍ ମଡ୍ୟୁଲ୍ ଦେଖାଇ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରସ୍ତୁତ ମଡ୍ୟୁଲ୍ ଅନୁସାରେ ଅନ୍‌ଲାଇନ୍ ପ୍ରକ୍ରିୟାରେ ଟ୍ରେଡ୍ ଲାଇସେନ୍ସ ପାଇବା ପାଇଁ ସମୁଦାୟ ୧୫ ଦିନର ଅବଧି ରଖାଯାଇଛି। ଜଣେ ବ୍ୟବସାୟୀ ଅନ୍‌ଲାଇନ୍‌ରେ ବିଭିନ୍ନ ସୋପାନକୁ ଯାଇ ସମ୍ପୂର୍ଣ୍ଣ ବିବରଣୀ ଦେଇ ଆବେଦନ କରିବା ପରେ ଏହାର ବାର୍ତ୍ତା ସମ୍ପୃକ୍ତ ୱାର୍ଡ ଅଫିସରଙ୍କ ପାଖକୁ ଚାଲିଯିବ। ୱାର୍ଡ ଅଫିସର ୨ ଦିନ ମଧରେ ନିଜର ମତାମତ ସମ୍ପୃକ୍ତ ମିସ୍‌ସରକାରଙ୍କୁ ଦେଇ କ୍ଷେତ୍ର ପରିଦର୍ଶନ ପାଇଁ କହିବେ। କ୍ଷେତ୍ର ପରିଦର୍ଶନ ସମ୍ପୂର୍ଣ୍ଣ ହେବାପରେ ୩ ଦିନ ମଧରେ ୱାର୍ଡ ସୁପରଭାଇଜର ଉକ୍ତ ଅନ୍‌ଲାଇନ୍ ଦରଖାସ୍ତ ସମ୍ପର୍କରେ ଜୋନାଲ ଡେପୁଟି କମିଶନରଙ୍କୁ ଅବଗତ କରାଇବେ। ଏହାର ୩ ଦିନ ମଧରେ ଜୋନାଲ୍ ଡେପୁଟି କମିଶନର ଆବେଦନକୁ ସୁପାରିସ କରିବେ ଏବଂ ଆବେଦନକାରୀଙ୍କୁ ଟ୍ରେଡ୍ ଲାଇସେନ୍ସ ମିଳିବ। ଯଦି ଆବେଦନକାରୀଙ୍କର ଆବେଦନରେ କିଛି ତ୍ରୁଟି ଥାଏ ତେବେ ଏହା ସଂଶୋଧନ କରି ବା ପୂରଣ କରି ଆବେଦନ କରିବା ପାଇଁ ୱାର୍ଡ ଅଫିସର ଅନ୍ ଲାଇନ୍‌ରେ ଜଣାଇ ପାରିବାର ମଧ ବ୍ୟବସ୍ଥା ହୋଇଛି।

# ଫେବୃଆରୀ ସୁଦ୍ଧା ୨୮% ଜିଏସ୍‌ଟି ବୃଦ୍ଧି




**ଭୁବନେଶ୍ୱର :** ୨୦୨୦ ମସିହା ଫେବୃଆରୀ ମାସ ଶେଷ ସୁଦ୍ଧା ରାଜ୍ୟର ଜିଏସ୍‌ଟି ବୃଦ୍ଧି ହାର ୨୮ପ୍ରତିଶତ ହୋଇଛି। ପୂର୍ବମାସଗୁଡ଼ିକ ଭଳି ଏହି ମାସରେ ୮୦୪.୮୫କୋଟି ଟଙ୍କା ସଂଗୃହିତ ହୋଇଥିବାବେଳେ ୨୦୧୯ ମସିହା ଫେବୃଆରୀ ସୁଦ୍ଧା ୬୭୨.୯୯କୋଟି ଟଙ୍କା ରାଜ୍ୟ ଜିଏସ୍‌ଟି ଆଦାୟ ହୋଇଥିଲା। ତେବେ ଫେବୃଆରୀ ମାସର ଶେଷ ସୁଦ୍ଧା ଆଦାୟ ହୋଇଥିବା ଜିଏସ୍‌ଟି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ସର୍ବାଧିକ ବୋଲି ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କେନ୍ଦ୍ରୀୟ ଜିଏସ୍‌ଟି ଆଦାୟରେ ମଧ ଅନୁରୂପ ସୁସ୍ଥ ଧାରା ପରିଲକ୍ଷିତ ହୋଇଛି। ସୂଚନା ଅନୁଯାୟୀ ୨୦୧୯ମସିହା ଏପ୍ରିଲରୁ ୨୦୨୦ ମସିହା ଫେବୃଆରୀ ମଧରେ ମୋଟ ଜିଏସ୍‌ଟି (କେନ୍ଦ୍ରୀୟ ଜିଏସଟି, ସମନ୍ୱିତ ଜିଏସଟି, ରାଜ୍ୟ ଜିଏସ୍‌ଟି ଓ ଅତିରିକ୍ତ ଜିଏସ୍‌ଟି) ସଂଗ୍ରହ କ୍ଷେତ୍ରରେ ୧୧.୧୮ ପ୍ରତିଶତ ବୃଦ୍ଧିହାର ହେବା ସହ ୨୭୦୪୪.୩୭ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷର ଏହି ସମୟ ମଧରେ ୨୪୩୨୫.୭୯ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ୨୦୨୦ ମସିହା ଫେବୃଆରୀ ମାସରେ ଆଦାୟ କରାଯାଇଥିବା ୨୭୯୦କୋଟି ଟଙ୍କାର ମୋଟ ଜିଏସ୍‌ଟି ପରିମାଣ ମଧ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ସର୍ବାଧିକ ମାସିକ ଆଦାୟ। କୋଇଲା ଓ ଇସ୍ପାତ ବିକ୍ରୟ କ୍ଷେତ୍ରରେ ମାନ୍ଦାବସ୍ଥା ଯୋଗୁଁ ସମନ୍ୱିତ ଜିଏସ୍‌ଟି (ଆଇଜିଏସଟି) ଓ ଅତିରିକ୍ତ ଟିକସ ବୃଦ୍ଧି କ୍ଷେତ୍ରରେ ପୂର୍ବ ମାସଗୁଡ଼ିକରେ ବିଯୁକ୍ତାତ୍ମକ ଧାରା ଦେଇଥିବାବେଳେ ୨୦୨୦ ମସିହା ଫେବୃଆରୀ ମାସରେ ଏ କ୍ଷେତ୍ରରେ ଯଥାକ୍ରମେ ୯.୨୯ ପ୍ରତିଶତ, ଓ ୨୭.୬୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ୨୦୨୦ ମସିହା ଫେବୃଆରୀ ମାସ ପର୍ଯ୍ୟନ୍ତ ଅତିରିକ୍ତ ଟିକସ କ୍ଷେତ୍ର କ୍ରମ ବୃଦ୍ଧି ହାର ୨୦୧୯ ମସିହା ଏହିମାସ ତୁଳନାରେ ପ୍ରଥମ ଥର ପାଇଁ ଯୁକ୍ତାତ୍ମକ ୦.୨୦ ପ୍ରତିଶତ ଧାରା ପରିଲକ୍ଷିତ ହୋଇଛି। ତଥାପି ଆଇଜିଏସ୍‌ଟି କ୍ଷେତ୍ରରେ କ୍ରମ ବୃଦ୍ଧିହାର ବିଯୁକ୍ତାତ୍ମକ ୩.୨୦ ପ୍ରତିଶତ ରହିଛି। ମାତ୍ର ରାଜ୍ୟ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ରାଜ୍ୟ ଜିଏସ୍‌ଟି ଓ କେନ୍ଦ୍ରୀୟ ଜିଏସ୍‌ଟି ଆକାରରେ ଟିକସ କ୍ଷେତ୍ରରେ ଏକ ସୁସ୍ଥ ଅଭିବୃଦ୍ଧି ୨୭ ପ୍ରତିଶତ ଦେଖିବାକୁ ମିଳିଛି। ଚଳିତ ବର୍ଷ ଫେବୃୟାରୀ ମାସରେ ପେଟ୍ରୋଲିୟମ ଓ ମଦରୁ ଭାଟ ସଂଗ୍ରହ ୬୯୫.୮୧ କୋଟି ଟଙ୍କା ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷର ଏହା ହେଉଛି ସର୍ବାଧିକ ମାସିକ ଆଦାୟ। ଏଥିମଧ୍ୟରୁ ୨୦୧୯ ଡିସେମ୍ବର ମାସ ପର୍ଯ୍ୟନ୍ତ ପେଟ୍ରୋଲଜାତ ସାମଗ୍ରୀରୁ ଭାଟ ଆଦାୟ ବିଯୁକ୍ତାତ୍ମକ ଧାରାରେ ବୃଦ୍ଧି ପାଉଥିବାବେଳେ ୨୦୨୦ ମସିହା ଫେବୃଆରୀ ମାସରେ ଏଥିରେ ଅଗ୍ରଗତି ଘଟି ୫୪୧.୪୪ କୋଟି ଟଙ୍କା ଆଦାୟ ହୋଇଛି। ୨୦୧୯ ମସିହା ଫେବୃଆରୀ ମାସରେ ଏହି ପରିମାଣ ୪୭୦.୭୨ କୋଟି ଟଙ୍କା ଥିଲା। ଫଳରେ ପୂର୍ବବର୍ଷ ଫେବୃଆରୀ ମାସ ତୁଳନାରେ ୧୫.୦୨ ପ୍ରତିଶତ ଅଭିବୃଦ୍ଧି ହାର ହାସଲ ହୋଇଥିଲା। ପୁନଶ୍ଚ ରିଟର୍ଣ୍ଣ(ଜିଏସଟି ଆର-୩ ବି) ଦାଖଲ କ୍ଷେତ୍ରରେ ମଧ ସୁସ୍ଥ ଅଗ୍ରଗତି ପରିଲକ୍ଷିତ ହେବା ସହ ୨୦୨୦ ମସିହା ଜାନୁଆରୀ ମାସରେ ରାଜ୍ୟ ଅଧିନସ୍ଥ ଟିକସ ଦାତାଙ୍କ ମଧରେ ୯୧ପ୍ରତିଶତ ଟିକସଦାତା ଧାର୍ଯ୍ୟ ସମୟ ମଧରେ ଦାଖଲ କରିଛନ୍ତି। ୨୦୧୯ ମସିହା ଏହି ସମୟରେ ମାତ୍ର ୬୭ ପ୍ରତିଶତ ଥିଲା। ତେବେ ଟିକସ ପରିସର ବୃଦ୍ଧି ନିମନ୍ତେ ଜିଏସ୍‌ଟି ଅଧୀନରେ ପଞ୍ଜିକୃତ ହୋଇନଥିବା ଯୋଗ୍ୟ ବ୍ୟବସାୟୀଙ୍କ ସର୍ଭେ କରାଯିବାକୁ କ୍ଷେତ୍ରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଚଳିତ ଆର୍ଥିକ ବର୍ଷରେ ୪୫୬୩୯ ସଂଖ୍ୟକ ନୂତନ ଟିକସଦାତା ପରିସରଭୁକ୍ତ ହୋଇଛନ୍ତି। ରିଟର୍ଣ୍ଣ ଦାଖଲ ଖିଲାପକାରୀ ଓ ଭୁଲ ରିଟର୍ଣ୍ଣ ଦାଖଲକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରିବା ପାଇଁ ରାଜ୍ୟ ଜିଏସ୍‌ଟି କମିଶନରେଟ ପକ୍ଷରୁ କ୍ଷେତ୍ରୀୟ କାର୍ଯ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ରିଟର୍ଣ୍ଣ ଦାଖଲ କରୁନଥିବା ବ୍ୟବସାୟୀଙ୍କ ବିରୋଧରେ ୪୯୦୮୧ଟି ନୋଟିସ ଓ ଭୁଲ ରିଟର୍ଣ୍ଣ ଦାଖଲ କରିଥିବା ବ୍ୟବସାୟୀଙ୍କ ବିରୋଧରେ ୧୧୧୨୧ଟି ନୋଟିସ ଜାରି କରାଯାଇଛି। ଗତ ୨ଟି ଟିକସ ଅବଧି ମଧରେ ରିଟର୍ଣ୍ଣ ଦାଖଲ କରିଥିବା କାରଣରୁ ୨୧୭୬ଜଣ ଇ-ୱେବିଲ ବ୍ୟବହାରକାରୀଙ୍କ ଇ- ୱେ ବିଲ ବାହାର କରିବା ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ସେହିଭଳି ରାଜ୍ୟ ଅଧୀନସ୍ଥ ୩୦୨ଜଣ ଟିକସଦାତାଙ୍କ ୬୧.୯୬କୋଟି ଟଙ୍କାର ପ୍ରାପ୍ୟ ଉପଲବ୍ଧ କ୍ରେଡିଟ ପରିମାଣ ଠାରୁ ଅଧିକ ଦାବି କରାଯିବା କାରଣରୁ ବନ୍ଦ କରାଯାଇଛି। ଏଥି ସହିତ ତଥ୍ୟ ବିଶ୍ଳେଷଣ ବ୍ୟବସ୍ଥା ମାଧମରେ ରାଜ୍ୟ ଜିଏସ୍‌ଟି କମିଶନରେଟ ଦ୍ୱାରା ଦୃଷ୍ଟାନ୍ତମୂଳକ ଏନଫୋର୍ସମେଣ୍ଟ କାର୍ଯ୍ୟାନୁଷ୍ଠାନ କରି ଜାଲ ବିଲ ପ୍ରଦାନକାରୀଙ୍କୁ ଚିହ୍ନଟ କରାଯାଉଛି। ଜାଲ ବ୍ୟବସାୟୀ ନେଟୱାର୍କ ଚଳାଇଥିବା ଓ ଜାଲିଆତି କରି ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ହସ୍ତାନ୍ତର କରିଥିବା ଅଭିଯୋଗରେ ଏ ପର୍ଯ୍ୟନ୍ତ ୭ଜଣ ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରାଯାଇଛି। ଏହି ଜାଲ ଆଇଟିସି ହାସଲ କରିଥିବା ଅନ୍ୟରାଜ୍ୟର ବ୍ୟବସାୟୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ୧୫ଟି ରାଜ୍ୟର କମିଶନରଙ୍କୁ ଉପରୋକ୍ତ ଆଇଟିସି ରାଶି ସୁଧ ଓ ଜୋରିମାନା ସହ ଆଦାୟ କରିବା ଦିଗରେ ପଦକ୍ଷେପ ନେବା ସହ ଜିଏସ୍‌ଟି ଆଇନ ଅଧୀନରେ ଅନ୍ୟାନ୍ୟ ବୈଧାନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅନୁରୋଧ କରାଯାଇଛି। ପଞ୍ଜିକୃତ ହୋଇଥିବା ଉକ୍ତ ବ୍ୟବସାୟୀଙ୍କ ଠାରୁ ୭୭.୬୦କୋଟି ଟଙ୍କାର ଜାଲ ଇନପୁଟ ଟ୍ୟାକ୍ସ କ୍ରେଡିଟ ହାସଲ କରିଥିବା ୧୮୧ଜଣ ପଞ୍ଜିକୃତ ଟିକସ ଦାତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ ଏସ.କେ. ଲୋହାନି ସମସ୍ତ କ୍ଷେତ୍ରୀୟ କାର୍ଯ୍ୟାଳୟଗୁଡ଼ିକୁ ଟିକସଦାତାମାନଙ୍କୁ ସେମାନଙ୍କ ଟିକସ ସମ୍ପର୍କିତ ପ୍ରତିବଦ୍ଧତାକୁ ପୂରଣ କରିବା ଦିଗରେ ଏବଂ ନିୟମିତ ଓ ଉପଯୁକ୍ତ ରିଟର୍ଣ୍ଣ ଦାଖଲ ଦିଗରେ ସମସ୍ତ ସହଯୋଗ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କଟକ ଅର୍ଥବିଭାଗ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୯ - ୧୫ ମାର୍ଚ୍ଚ, ୨୦୨୦

# ସବୁକଥା ଲୋକଲୋଚନକୁ ଆସୁ

ସଂଶୋଧିତ ମୋଟର ଯାନ ଆଇନ ପୁଣିଥରେ କଡାକଡି ଲାଗୁ ହେବା ପରେ ବହୁ ସଂଖ୍ୟକ ନିୟମ ଉଲ୍ଲଙ୍ଘନକାରୀ ଆଇନ ଜାଲରେ ପଡୁଛନ୍ତି। ସେମାନଙ୍କ ଠାରୁ ମୋଟା ଅଙ୍କର ଜରିମାନା ଅର୍ଥ ଆଦାୟ ଚାଲିଛି। ବିଶେଷକରି ହେଲମେଟ୍ ପିନ୍ଧୁ ନଥିବା ଲୋକଙ୍କ ସଂଖ୍ୟା ଅଧିକ ବୋଲି ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତେବେ କେବଳ ହେଲମେଟ୍ ନପିନ୍ଧିବା ଲୋକ ନୁହଁନ୍ତି ବରଂ ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚାଳନା, ଦ୍ରୁତ ଗତିରେ ଗାଡି ଚାଳନା, ରଙ୍ଗ ରୁଟ୍‌ରେ ଗାଡି ଚାଳନା, ୩ ଜଣିଆ ଗାଡି ଚାଳନା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ଓ ବିନା ସିଟ୍ ବେଲ୍ଟରେ ଗାଡି ଚାଳନା କରୁଥିବା ଚାଳକଙ୍କୁ ଚିହ୍ନଟ କରାଯାଇଛି। ନିୟମ ଉଲ୍ଲଙ୍ଘନ କରିଥିବା ଚାଳକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଚାଲାଣ କଟାଯାଇଥିବା ସୂଚନା ମିଳିଛି। ତେବେ ପ୍ରଶ୍ନ ଉଠୁଛି ଦୁଇଟି ପର୍ଯ୍ୟାୟରେ ୬ମାସ ସମୟ ଦିଆଯାଇଥିଲେ ବି ଗାଡି ଚାଳକମାନେ କାଗଜ ପ୍ରସ୍ତୁତ କରିବା ପାଇଁ ସକ୍ଷମ ହେଲେନି କାହିଁକି। ଓଡ଼ିଶା ଭଳି ରାଜ୍ୟରେ କୋଟି କୋଟି ଟଙ୍କା ଫାଇନ ଗଣୁଥିବା ନିୟମ ଉଲ୍ଲଙ୍ଘନକାରୀମାନେ କେମିତି ଜାଣିପାରୁ ନାହାନ୍ତି ଯେ, ଆଇନ ଖିଲାପ କଲେ ମୋଟା ଅଙ୍କର ଜରିମାନା ଦେବାକୁ ପଡିବ। ଏହି ଘଟଣା ସୂଚାଇ ଦେଉଛି ଯେ, ୬ମାସ ମଧ୍ୟରେ ଲୋକ ଯେତିକି ସଚେତନ ହେବା କଥା ତାହା ହୋଇନାହାନ୍ତି। ଯେଉଁଥିପାଇଁ ଦୀର୍ଘ ସମୟ ପରେ ବି ଗାଡିର କାଗଜପତ୍ର ଯୋଗାଡ କରିବା କ୍ଷେତ୍ରରେ ଲୋକ ପଛୁଆ ରହିଛନ୍ତି। ଅନ୍ୟପକ୍ଷରେ ପରିବହନ ମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଗତ ସେପ୍ଟେମ୍ବର ମାସରୁ ନୂଆ ସଂଶୋଧିତ ମଟର ଯାନ ଆଇନ ଲାଗୁ ହୋଇଛି। ଯଦିଓ ରାଜ୍ୟ ସରକାର କାଗଜପତ୍ର ପ୍ରସ୍ତୁତ କରିବା ପାଇଁ ୬ମାସ ସମୟ ଦେଇଥିଲେ। ଏହି କାରଣରୁ ୨୦୧୯ ସେପ୍ଟେମ୍ବର ପରଠାରୁ ରାଜ୍ୟରେ ଦୁର୍ଘଟଣା ହାର କମିଛି। ମୃତାହତଙ୍କ ସଂଖ୍ୟା କମିବା ସହିତ ଲୋକଙ୍କ ମନରେ ନୂଆ ପରିବହନ ଆଇନ ସଚେତନତା ସୃଷ୍ଟି କରିଛି। ଏହା ନିଶ୍ଚିତ ଭାବେ ଭଲ ଖବର।

ଅନ୍ୟପକ୍ଷରେ ସାମାଜିକ କର୍ମୀମାନଙ୍କର କହିବା କଥା ହେଉଛି ସରକାର ଭିତ୍ତିଭୂମି ପ୍ରସ୍ତୁତ ନକରି କେବଳ ଜରିମାନା ଆଦାୟ କରି ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଥିବାରୁ ନୂଆ ମଟର ଯାନ ଆଇନ କଡାକଡି ପାଳନ କରାଯାଉଛି। ଯେଉଁ ସ୍ଥାନରେ ଗାଡିଚାଳକ ମାନଙ୍କ ପାଇଁ ଯେଭଳି ସୁବିଧା ସୁଯୋଗ ରହିବା କଥା ଓ ସୂଚନା ଫଳକ ରହିବାର ବ୍ୟବସ୍ଥା କରାଯିବା କଥା ତାହା କରାଯାଇନାହିଁ। ଯେଉଁଥିପାଇଁ ଗାଡି ଚାଳକମାନେ ସନ୍ଦେହରେ ପଡିବା ସହିତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠାଏ ଠାଏ ରାସ୍ତାଘାଟ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ସ୍ଥିତିରେ ଥିଲା ବେଳେ ଏସବୁର ମରାମତି ନକରାଯାଇ କେବଳ ଜରିମାନା ଆଦାୟକୁ ଗୁରୁତ୍ୱ ଦିଆଯାଉଛି। ତେବେ ଭିତ୍ତିଭୂମି ପ୍ରସ୍ତୁତ କରିବା ସମୟ ସାପେକ୍ଷ ହୋଇଥିଲା ବେଳେ ସରକାର ଏ ଦିଗରେ ନିଶ୍ଚିତ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଆବଶ୍ୟକୀୟ ସୂଚନା ଫଳକ ଜରିଆରେ ଗାଡି ଚାଳକମାନଙ୍କୁ ସୂଚନା ଦେବା ମଧ୍ୟ ପରିବହନ ବିଭାଗର ଦାୟିତ୍ୱ। ଏହାରି ଭିତରେ ଅନ୍ୟଏକ ପ୍ରସଙ୍ଗ ହେଉଛି ରାଜଧାନୀରେ ପାର୍କିଂ ସମସ୍ୟା। ପାର୍କିଂ ସ୍ଥାନ ଚିହ୍ନଟ କରାନଯାଇ ଗାଡି ଗୁଡିକୁ ରାସ୍ତା ଉପରୁ ଉଠାଇନେବାକୁ ଲୋକ ନାପସନ୍ଦ କରୁଛନ୍ତି। ଲୋକଙ୍କ ଅଭିଯୋଗ ହେଉଛି ପ୍ରଥମେ ପାର୍କିଂ ସ୍ଥାନ ଚିହ୍ନଟ କରାଯାଉ ଓ ସେଠାରେ ଗାଡି ଗୁଡିକ କିଭଳି ସୁରକ୍ଷିତ ଭାବେ ପାର୍କିଂ କରାଯିବ ତାହାର ବ୍ୟବସ୍ଥା ନକରି ମନଇଚ୍ଛା ଗାଡି ଟାଣିନେବା ଆଇନ ବିରୋଧ। ଏଭଳି ଅଭିଯୋଗ କେବଳ ରାଜଧାନୀବାସୀଙ୍କର ନୁହେଁ। ସମଗ୍ର ରାଜ୍ୟରେ ନୂଆ ମଟର ଯାନ ଆଇନକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖାଦେଉଛି। ସବୁଠି ରାସ୍ତା ମରାମତି, ସୂଚନା ଫଳକ ଓ ପୋଲିସର ମାତ୍ରାଧିକ କାର୍ଯ୍ୟକୁ ଖୋଲାଖୋଲି ସମାଲୋଚନା କରାଯାଉଛି।



ସମ୍ପାଦକୀୟ

ତାରକ ମହାନ୍ତି

ସବୁଠି ଗୋଟିଏ ପ୍ରଶ୍ନ ପରିବହନ ବିଭାଗ ହେଉ କି ପୋଲିସ ଜରିମାନା ଆଦାୟ ଉପରେ ଯେତିକି ଗୁରୁତ୍ୱ ଦେଉଛି ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ସେତିକି ଗୁରୁତ୍ୱ ଦେଉନାହିଁ। ଜରିମାନା ଦେଲେ ଯଦି ଲୋକ ସଚେତନ ହୋଇପାରିବେ ତେବେ ଏଭଳି କାର୍ଯ୍ୟଧାରା ଠିକ୍ ବୋଲି କୁହାଯାଇପାରେ। ମାତ୍ର ଜରିମାନା ଗଣିଦେଲେ ଯେ, ଆଇନ ତା' ବାଟରେ ଠିକ୍ କାର୍ଯ୍ୟ କରୁଛି ଭାବିବା ସମ୍ପୂର୍ଣ୍ଣ ଭୁଲ୍। ଲୋକଙ୍କ ମନରେ ଭୟ ସୃଷ୍ଟି କରି ଜରିମାନା ଆଦାୟ କରିବା ଓ ଲୋକଙ୍କୁ ସଚେତନ କରି ସେମାନଙ୍କ ଜୀବନ ବଞ୍ଚାଇବା ସମ୍ପୂର୍ଣ୍ଣ ଭିନ୍ନ କଥା। ନୂଆ ମଟର ଯାନ ଆଇନର ସବୁଠୁ ବଡ ଦିଗଟି ହେଉଛି ମଦ ପିଇ ବେପରୁଆ ଗାଡି ଚାଳନା କରିବା ଓ ଦୁର୍ଘଟଣା ଘଟାଉଥିବା ଗାଡି ଚାଳକମାନଙ୍କୁ ସାବାଡ କରିବା। ଏହା ଯଥାର୍ଥ ହୋଇଥିଲେ ବି ମଦ ବିକ୍ରିକୁ ରାଜ୍ୟରେ ବ୍ୟାନ୍ କରିବା ଉପରେ ସରକାର ଧ୍ୟାନ ଦେଉନାହାନ୍ତି କାହିଁକି। ମଦ ବିକି ରାଜସ୍ୱ ବଢ଼ାଇବା ଓ ମଦୁଆଙ୍କୁ ସାବାଡ କରିବା କଥାଟିରେ ଭିନ୍ନ ମତ ପ୍ରକାଶ ପାଉଛି। ଯଦି ସରକାରଙ୍କ ଲକ୍ଷ୍ୟ ଦୁର୍ଘଟଣା ହ୍ରାସ ତେବେ ମଦ ବିକ୍ରି ହ୍ରାସ କାହିଁକି ଲକ୍ଷ୍ୟ ନୁହେଁ। ଏଥିରେ ସରକାରଙ୍କର କେବଳ ଦୋହରା ଫାଇଦା ହେଉଛି। ମଦ ବିକ୍ରିରୁ ରାଜସ୍ୱ ଓ ମଦ ପିଆଳୀଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରିବା। ଉଭୟ ଦିଗର ଟଙ୍କା ରାଜକୋଷକୁ ଯାଉଛି। ଅଥଚ୍ ମଦ ବିକ୍ରି ଦ୍ୱାରା ସାଧାରଣ ଲୋକ କେତେ ପରିମାଣର କ୍ଷତିଗ୍ରସ୍ତ ହେଉଛନ୍ତି ଓ ଯୁବପିଢ଼ି ସମ୍ପୂର୍ଣ୍ଣ ପଥଭ୍ରଷ୍ଟ ହେଉଛନ୍ତି ତା' ଉପରେ କାହାରି ଯେମିତି ନଜର ରହୁନାହିଁ। ଏହା ଅତ୍ୟନ୍ତ ବିଡମ୍ବନାର କଥା ହୋଇଥିଲେ ବି ଏ ଦିଗଟି ପ୍ରତି ଜନସାଧାରଣ କି ସରକାର କେହି ଉଦ୍‌ବେଗ ପ୍ରକାଶ କରୁନାହାନ୍ତି। ମଦ ପିଇ ଦୁର୍ଘଟଣା ଘଟାଉଥିବା ଗାଡି ଚାଳକ କେବଳ ବ୍ୟକ୍ତିଗତ ଭାବେ କ୍ଷତିଗ୍ରସ୍ତ ବା ପଙ୍ଗୁ ହେଉନାହିଁ। ତା ଉପରେ ନିର୍ଭର କରୁଥିବା ପରିବାରଟି ସମ୍ପୂର୍ଣ୍ଣ ଉଜୁଡି ଯାଉଛି। ଦୁର୍ଘଟଣା ପରବର୍ତ୍ତୀ ଖର୍ଚ୍ଚ ଉଠାଇବା ପାଇଁ ମଦ୍ୟପ ଗାଡି ଚାଳକ ପାଖରେ ସମ୍ବଳର ଅଭାବ ଦେଖା ଦେଉଛି। ଚିକିତ୍ସା ଠାରୁ ଆରମ୍ଭ କରି ପରିବାର ପ୍ରତିପୋଷଣ କ୍ଷେତ୍ରରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ସାଧାରଣ ଲୋକଙ୍କ ଜୀବନ ରକ୍ଷା ପାଇଁ ସରକାର ବ୍ୟଗ୍ର ଥିଲା ବେଳେ ମଦ ଦ୍ୱାରା କ୍ଷତିଗ୍ରସ୍ତ ପରିବାର ପାଇଁ ସରକାର ଚିନ୍ତା ନ କରିବା ଅତ୍ୟନ୍ତ ଲଜ୍ଜାଜନକ। କେବଳ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ନୂଆ ମଟର ଯାନ ଆଇନ ଖୁବ୍ ସହାୟକ ମନେକରି ଏହାକୁ ଲାଗୁ କରାଯାଉଥିଲା ବେଳେ ମଦ୍ୟପ ଗାଡି ଚାଳକ କିଭଳି ମଦ ପାଇପାରିବେ ନାହିଁ ସେଥିପାଇଁ ବ୍ୟବସ୍ଥା କଲେ ଅସୁବିଧା କ'ଣ। ରାଜ୍ୟର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ମଦ ବିରୋଧୀ ଆନ୍ଦୋଳନକାରୀମାନେ ଏକଥାଟିକୁ ସରକାରଙ୍କ କାନରେ ପକାଇବା ଏବଂ ଏଥିପାଇଁ ବିହିତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା କ'ଣ ସାମାଜିକ ଦାୟିତ୍ୱ ନୁହେଁ କି? ତେଣୁ ନିଜ ନିଜ ଦାୟିତ୍ୱରୁ ପ୍ରତି ମଣିଷ ଓହରିଯାଇ କେବଳ ଆଇନକୁ ଦୋଷ ଦେଲେ ସମସ୍ୟାର ସମାଧାନ ହୁଏନାହିଁ। ପ୍ରତ୍ୟେକ ନିଜ ନିଜ କ୍ଷେତ୍ରରେ ଏଥିପାଇଁ ସଚେତନତା ସୃଷ୍ଟି କରିବା ସହିତ ସରକାରଙ୍କର ତ୍ରୁଟି ବିଚ୍ୟୁତିକୁ ମଧ୍ୟ ଲୋକଲୋଚନକୁ ଆଣିବାକୁ ପଡିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିଜେଡି ସଙ୍ଗଠନରେ ପ୍ରଣବ ପ୍ରକାଶଙ୍କ ଦକ୍ଷତା



ବାଦଲ ଭୂୟାଁ

ଇତିମଧ୍ୟରେ ସର୍ବଭାରତୀୟ ସ୍ତରରେ ବେଶ ପ୍ରଭାବୀ ଓ ସଙ୍ଗଠିତ ତୃଣମୂଳ ଦଳ ଭାବେ ପ୍ରତିଷ୍ଠା ପାଇଥିବା ବିଜେଡ଼ିର ଅଷ୍ଟମ ଥର ସକାଶେ ସଭାପତି ଭାବେ ପୁନର୍ବାର ନବୀନ ପଟ୍ଟନାୟକ ଦାୟିତ୍ୱ ନେଇଛନ୍ତି। ଏଯାବତ୍ ତାଙ୍କର କାର୍ଯ୍ୟନିର୍ବାହୀ କମିଟି ମଧ୍ୟ ଗଢ଼ା ହୋଇନାହିଁ। ତେବେ ବିଜେଡ଼ି ଦଳୀୟ ସଙ୍ଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଯୁବବିଧାକ ପ୍ରଣବ ପ୍ରକାଶ ଦାସ ବା ସମସ୍ତେ ଜାଣିଥିବା ବବି ବାବୁଙ୍କୁ ଦିଆଯାଇଛି। ଖୋଦ୍ ବିଜୁ ବାବୁଙ୍କ ଜନ୍ମଦିବସରେ ସଙ୍ଗଠନ ସଚିବ ଭାବେ ବିଧାୟକ ପ୍ରଣବ ପ୍ରକାଶଙ୍କ ନୂଆ ନିଯୁକ୍ତି ଓ ସୁପ୍ରିମୋ ନବୀନ ବାବୁ ଯେଉଁପରି ତାଙ୍କର ଭୂୟଂଶୀ ପ୍ରଶଂସା କରିଛନ୍ତି ତାହା ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୦୯, ୨୦୧୪ ଓ ୨୦୧୯ରେ ଯାଜପୁରରୁ ଭଲ ରେକର୍ଡ଼ ବ୍ୟବଧାନରେ ବିଧାୟକ ଭାବେ ବିଜୟ ଲାଭ କରିଛନ୍ତି। ଓଡ଼ିଶାର କିମ୍ବଦନ୍ତୀ ରାଜନେତା ତଥା ତତ୍କାଳୀନ ବିଜୁ ବାବୁଙ୍କ ଏକଦା ଅତ୍ୟନ୍ତ ଘନିଷ୍ଠ ଓ ଅନୁଗତ ବିଶ୍ୱସ୍ତ ସହଯୋଗୀ ଥିଲେ ଦିବଂଗତ ତୁଙ୍ଗନେତା ଅଶୋକ ଦାସ। ଆଜି ବିଜୁ ବାବୁଙ୍କ ସୁପୁତ୍ର ନବୀନ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ଅଶୋକ ବାବୁଙ୍କ ସୁପୁତ୍ର ପ୍ରଣବ ପ୍ରକାଶ ମଧ୍ୟ ଦଳର ଗୁରୁତ୍ୱପୂର୍ଣ୍ଣ ସଙ୍ଗଠନ ଦାୟିତ୍ୱ ନେଇଛନ୍ତି। ଯାଜପୁରରୁ ବିଧାନସଭା ଆସନଟି ଅଣସଂରକ୍ଷିତ ହୋଇଥିଲା ଓ ସେଠାରୁ ସେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବବି ବାବୁ ଶକ୍ତି, ସୂଚନା ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ୍ସ ବିଭାଗର ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଥିଲେ। କୁହାଯାଏ ତାଙ୍କରି ସାଙ୍ଗଠନିକ ଦକ୍ଷତା, ଦଳର ସବୁ ବର୍ଗ ଓ ସମସ୍ତଙ୍କ ଭିତରେ ଜଣେ ଗ୍ରହଣୀୟ ଓ ଦଳର କ୍ରାଏସିସ୍ ମ୍ୟାନେଜର ଭାବେ ତାଙ୍କର ଦକ୍ଷତା ରହିଛି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ସହ ସମସ୍ତ ଉପନିର୍ବାଚନରେ ବିଜୁ ଜନତା ଦଳର ବିପୁଳ ବିଜୟରେ ତାଙ୍କର ଅବଦାନ ମଧ୍ୟ ସର୍ବାଧିକ। କୁହାଯାଉଛି ତାଙ୍କ ଆନୁଗତ୍ୟ ଓ ପରିଶ୍ରମର ସଠିକ ପୁରସ୍କାର ଓ ସଠିକ ସମୟରେ ସୁପ୍ରିମୋ ନବୀନ ବାବୁ ଦେଇଛନ୍ତି। ଜନତା ଦଳ ସଭାପତି ଅଶୋକ ବାବୁଙ୍କ ପରଲୋକ ପରେ ବବି ବାବୁ ବିଜେଡ଼ିରେ ଯୋଗ ଦେଇ ଦଳରେ କ୍ରମଶଃ ଜଣେ ପ୍ରଭାବଶାଳୀ ନେତା ଭାବେ ଆଗେଇ ଥିଲେ। ୨୦୧୬ ମସିହା ପରଠାରୁ ଉଭୟ ଦଳ ଓ ତୃତୀୟ ମହଲାରେ ତାଙ୍କର ଗୁରୁତ୍ୱ ଓ ପ୍ରଭାବ ବଢ଼ିଥିଲା। ପଞ୍ଚାୟତ ନିର୍ବାଚନ ସମୟରେ ନିଜ ସମସାମୟିକ କିଛି ଆଗଧାଡ଼ିର ଯୁବ ନେତାଙ୍କ ସହ ମନ୍ତ୍ରୀ ପଦ ତ୍ୟାଗ କରି ସଙ୍ଗଠନର ଦାୟିତ୍ୱ ପାଇଁ ଆଗ୍ରହ ଦେଖାଇଥିଲେ ଓ ପରବର୍ତ୍ତୀ ସମୟରେ ସୁପ୍ରିମୋ ନବୀନଙ୍କର ଅଧିକ ଘନିଷ୍ଠ ହୋଇପାରିଥିଲେ। ୨୦୨୦ ଫେବୃଆରୀରେ ଦଳର ସୁପ୍ରିମୋ ନବୀନ ବାବୁ ବିଜେଡ଼ିରୁ ଦୁଇଟି ପଦବୀ ସୃଷ୍ଟି କରିଥିଲେ। ଗୋଟିଏ ଥିଲା ସାଧାରଣ ସମ୍ପାଦକ (ସଙ୍ଗଠନ) ଓ ଅନ୍ୟଟି ସାଧାରଣ ସମ୍ପାଦକ (ମୁଖ୍ୟାଳୟ)। ବିଜେଡ଼ି ଦଳର ସାମ୍ବିଧାନିକ ବ୍ୟବସ୍ଥାରେ ସଙ୍ଗଠନ ସମ୍ପାଦକ ପଦବୀ ନଥିଲା। ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା କାର୍ଯ୍ୟକାରୀ ସଭାପତି ଓ ମହାସଚିବ ପଦ ନଥିବାବେଳେ ଦଳର ରାଜନୈତିକ ବ୍ୟାପାର କମିଟି ମଧ୍ୟ ନାହିଁ। କିଛି ମାସ ତଳୁ ବର୍ତ୍ତମାନର ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ସଞ୍ଜୟଦାଶ ବର୍ମାଙ୍କୁ ବିଜେଡ଼ିର କାର୍ଯ୍ୟାଳୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଥିଲା। କିନ୍ତୁ ଦଳର ବଡ଼ ନିଯୁକ୍ତି ଭାବେ ପ୍ରଣବ ପ୍ରକାଶଙ୍କୁ ହିଁ ସଙ୍ଗଠନ ଦାୟିତ୍ୱ ଦିଆଯାଇଛି। ବିଜେଡ଼ି ପରି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳକୁ ତୃଣମୂଳସ୍ତରରୁ ମଜଭୁତ୍ ଓ ସଙ୍ଗଠିତ କରିବା ପାଇଁ ଦଳର ଅନେକ ଛାମୁଆ ନେତା ଅର୍ହନିଶ ଓ କଠୋର ପରିଶ୍ରମ କରୁଛନ୍ତି। ମନ୍ତ୍ରୀ ପଦରୁ ଦୂରେଇ ଦଳକୁ କିପରି ସଶକ୍ତ ଓ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ କରିହୁଏ ସେ କଳା କୌଶଳ ପ୍ରଣବ ପ୍ରକାଶଙ୍କୁ ଜଣା। ଅନେକ ନିର୍ବାଚନ ସମୟରେ ଦଳ ରାଜନୈତିକ ବିରୋଧୀଙ୍କ ଯୋଜନାକୁ ମାତ୍ ଦେଇ ଦଳର ଶକ୍ତି ଜୁଟାଇବାରେ ନିଷ୍ଠାପର କର୍ମୀ ମାନଙ୍କ ସହଯୋଗ ନେଇ ପ୍ରଣବ ପ୍ରକାଶ ବିଜେଡ଼ିକୁ ଆଜି ଅନେକ ବାଟ ଆଗେଇ ନେଇପାରିଛନ୍ତି। ଦଳ ଏବେ ସମଗ୍ର ଭାରତରେ ଏକ ପ୍ରତିଷ୍ଠିତ ଓ ଲୋକପ୍ରିୟତାର ଢ଼େର ଆଗରେ ଥିବା ଆଞ୍ଚଳିକ ଦଳ। କେନ୍ଦ୍ରର ମୋଦି ସରକାର ହେଉ ବା ବିଗତ କଂଗ୍ରେସର ଉପା ସରକାର, କେନ୍ଦ୍ର ରାଜନୀତି ସହ ବେଶ ମାପିଚୁପି ଓ ନିରାପଦ ଦୂରତ୍ୱରେ ରହି କିପରି ଏକ ଲୋକପ୍ରିୟ ରାଜ୍ୟ ସରକାର ଉଚିତ ଢ଼ଙ୍ଗରେ ପରିଚାଳିତ କରିହୁଏ ତାହାର ବଡ଼ ପ୍ରମାଣ ବିଜେଡ଼ି ଦଳ। ବିଜେଡ଼ିରେ ଜଣେ ବଡ଼ ନହୋଇପାରନ୍ତି ସତ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନଥାଇ ପାରନ୍ତି ସତ କିନ୍ତୁ ନିଷ୍ଠା, ସାଙ୍ଗଠନିକ ଦକ୍ଷତା, ସାଧୁତା, ଲୋକପ୍ରିୟତା ଓ ବ୍ୟକ୍ତିଗତ ସମର୍ପିତ ସେବାମନୋଭାବ କିପରି ଜଣଙ୍କୁ ପୁରସ୍କୃତ କରିପାରେ ତାହାର ବଡ଼ ଉଦାହରଣ ହେଉଛନ୍ତି ପ୍ରଣବ ପ୍ରକାଶ ଦାସ। କୁହାଯାଉଛି କେନ୍ଦ୍ରର ବିଜେପି ଢ଼ଙ୍ଗରେ ବିଜେଡ଼ି ନିଜକୁ ଏକ କ୍ୟାଡ଼ର ଭିତ୍ତିକ ଦଳ ଭାବେ ବେଶ ଯୋଜନାବଦ୍ଧ ଭାବେ ଉଦ୍ୟମ ଜାରି ରଖିଛି। ଏବଂ ଦଳ ପ୍ରଥମଥର ପାଇଁ ଦଳ ଭିତରେ ଏକ ବଡ଼ ପଦବୀ ସୃଷ୍ଟି କରି ବିଧାନସଭା ଓ ସାଧାରଣ ନିର୍ବାଚନର ଯଥେଷ୍ଟ ପୂର୍ବରୁ ଦଳକୁ ପ୍ରସ୍ତୁତ କରି ବିଜେଡ଼ିର ଆଗାମୀ ସଙ୍ଗଠିତ ଶକ୍ତି ପାଇଁ ସମ୍ଭବତଃ ଦଳ ବିଧିବଦ୍ଧ ଭାବେ ପ୍ରଣବ ପ୍ରକାଶ ଦାସଙ୍କୁ ଆଗକୁ ଆଣି ଏକ ପଡ଼ ପଦ ପଦବୀ ପ୍ରଦାନ କରିଛି। ବିଜେଡ଼ି ଦଳ ସରକାରରେ ଅନେକ ଲୋକପ୍ରିୟ ଯୋଜନା ରାଜ୍ୟରେ ଜାରି କରି ଲୋକମାନଙ୍କ ବିଶ୍ୱାସଭାଜନ ମଧ୍ୟ ହୋଇପାରୁଛି। କହିବାକୁଗଲେ ବିଜେଡ଼ି ସଙ୍ଗଠନରେ ବବି ବାବୁ ଏବେ ନମ୍ବର-୨। ନୂଆ ବିଜେଡ଼ି ସାଙ୍ଗଠନିକ ମୁଖ୍ୟ ଦଳକୁ ଆହୁରି ଆଗେଇ ନେଇପାରିବେ ଏବଂ ତାଙ୍କ ସମର୍ପିତ ସେବା ମନୋଭାବକୁ ଆହୁରି ବଢ଼ାଇପାରିବେ ଏହି କାମନା କରି ଏହି ଅବସରରେ ତାଙ୍କୁ ତାଙ୍କ ନୂଆ ଗୁରୁଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଉଛି।

*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

# ସ୍ୱାସ୍ଥ୍ୟସେବାରେ ଓଡ଼ିଶା ତଳଆଡୁ ତୃତୀୟ



ଡାକ୍ତର ନୀଳମାଧବ ପୃଷ୍ଟି

ରାଜ୍ୟରେ ଡାକ୍ତର ଅଭାବ ଥିବାବେଳେ ଅନ୍ୟ ପଟରେ ଭାରତରେ ପ୍ରାୟ ୧୦ ପ୍ରତିଶତ ଡାକ୍ତରୀ ଛାତ୍ରମାନେ ଡିଗ୍ରୀ ହାସଲ କରି ଦେଶ ଛାଡ଼ି ଚାଲିଯାଉଛନ୍ତି। ଫଳରେ ଦେଶରେ ଦିନକୁ ଦିନ ଡାକ୍ତରୀ ସମସ୍ୟା ଦୂର ହେବା ପରିବର୍ତ୍ତେ ଅଭାବ ବଢ଼ି ବଢ଼ି ଚାଲିଛି। ସରକାର ଡାକ୍ତରୀ ଡିଗ୍ରୀ କ୍ଷେତ୍ରରେ ସିଟ ବଢ଼ାଇବାରେ ଲାଗିଛନ୍ତି। ହେଲେ ଉତ୍ତୀର୍ଣ୍ଣ ଡାକ୍ତର ଦେଶରୁ ଡିଗ୍ରୀ ହାସଲ କରିଛନ୍ତି ସେମାନଙ୍କ କ୍ଷେତ୍ରରେ ଦେଶରେ ରୋଗୀ ସେବା କରିବା ବାଧ୍ୟତାମୂଳକ କ୍ଷେତ୍ରରେ କୌଣସି ଅଙ୍କୁଶ ଲଗାଉ ନାହାନ୍ତି। ରାଜ୍ୟରେ ତିନି ହଜାରରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ସର୍ବଭାରତୀୟ ଅନୁପାତରେ ଓଡ଼ିଶାରେ ବି ଡାକ୍ତରୀ ସଂଖ୍ୟା କମ୍ ଅଛି। ନିକଟରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ରାଜ୍ୟରେ ୮୭୨୦ଟି ଡାକ୍ତର ପଦବୀ ଥିବାବେଳେ ଏଥିରୁ ୩୩୦୬ଟି ଖାଲି ପଡ଼ିଛି। ସେହିଭଳି ୪୩୮ଟି ଦାନ୍ତ ଡାକ୍ତର ପଦବୀ ମଧ୍ୟରୁ ୧୦୨ଟି ଖାଲି ପଡ଼ିଥିବାବେଳେ ଡାକ୍ତରୀ ଶିକ୍ଷା ପାଇଁ ଥିବା ୧୨୬୭ ଡାକ୍ତର ପଦବୀରୁ ୨୨୪ ଓ ୧୨୮୫ ଆୟୁଷ ଡାକ୍ତରଙ୍କ ମଧ୍ୟରୁ ୪୯୧ଟି ପଦବୀ ଖାଲି ରହିଛି। ସର୍ବଭାରତୀୟ ସ୍ତରରେ ପ୍ରତି ହଜାରେ ଲୋକଙ୍କ ଲାଗି ୦.୮୬ଜଣ ଡାକ୍ତର ଥିବାବେଳେ ଓଡ଼ିଶାରେ ଏହି ହାର ୦.୫୧ ରହିଛି। ଆନ୍ଧ୍ରପ୍ରଦେଶରେ ଏହି ହାର ୧.୯୨, ପଶ୍ଚିମବଙ୍ଗରେ ୦.୭୪, ବିହାରରେ ୦.୩୪, ଝାଡ଼ଖଣ୍ଡରେ ୦.୧୫ ଓ ଛତିଶଗଡ଼ରେ ଏହି ହାର ୦.୩୦ ରହିଛି। ସୂଚନା ଅନୁଯାୟୀ ଦେଶରେ ମୋଟ ୧୧,୫୪,୬୮୬ଜଣ ପଞ୍ଜିକୃତ ଡାକ୍ତର ଥିବାବେଳେ ଓଡ଼ିଶାରେ ଅଛନ୍ତି ୨୨,୫୨୧। ଆନ୍ଧ୍ରପ୍ରଦେଶରେ ପଞ୍ଜିକୃତ ଡାକ୍ତରଙ୍କ ସଂଖ୍ୟା ୧ଲକ୍ଷ ୫୮୭ ଥିବାବେଳେ ପଶ୍ଚିମବଙ୍ଗରେ ୭୨୦୧୬, ବିହାରରେ ୪୦୬୪୯, ଛତିଶଗଡ଼ରେ ୮୭୭୧ ଓ ଝାଡ଼ଖଣ୍ଡରେ ୫୭୬୪ ଜଣ ରହିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସୂଚକାଙ୍କ ୩୫.୯୭ ରହିଛି ଓଡ଼ିଶା ଦେଶର ୨୧ଟି ବଡ଼ ରାଜ୍ୟ ମାନଙ୍କରେ ସ୍ଥାନ ପାଇଥିବାବେଳେ ଏହି ରାଜ୍ୟଗୁଡ଼ିକ ପାଇଁ ମୋଟ ୨୩ଟି ମାନଙ୍କ ରହିଛି। ସର୍ବଭାରତୀୟ ସ୍ତରରେ ପ୍ରତି ହଜାରେ ଲୋକଙ୍କ ଲାଗି ୦.୮୬ଜଣ ଡାକ୍ତର ଥିବାବେଳେ ଓଡ଼ିଶାରେ ଏହି ହାର ୦.୫୧ରହିଛି।

ଓଡ଼ିଶାରେ ୨୦ବର୍ଷର ବିଜେଡ଼ି ସରକାର ରାଜୁତି କରୁଛି। ପ୍ରତିବର୍ଷ ରାଜ୍ୟକୁ ଶ୍ରେଷ୍ଠ କରିବାର ଶପଥ ବି ନିଆଯାଉଛି। ଏବେ ମନ୍ଦିର ସୁଶୋଭିତ କରିବା ଲାଗି ବରାଦ ହେଉଛି କୋଟି କୋଟି ଟଙ୍କା। ସତେ ଯେମିତି ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆନୁସଙ୍ଗିକ ଭିତ୍ତିଭୂମିରେ ଯାହା ହାସଲ କରିବା କଥା କରିସାରିଛନ୍ତି ସରକାର। ମଣିଷ ଯେଭଳି ବୟସ ଅତିକ୍ରାନ୍ତ ପରେ ଅତି ପରିମାଣରେ ଧାର୍ମିକ ହୋଇପଡ଼େ, ଠିକ୍ ସେମିତି ଅବସ୍ଥା ନବୀନ ସରକାରଙ୍କର କିନ୍ତୁ ତେଣେ ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟ ଅବସ୍ଥା ଅତି ସାଂଘାତିକ ହୋଇପଡ଼ିଲାଣି। ବିଧାନସଭାରେ ସରକାର ଯେଉଁ ତଥ୍ୟ ଦେଇଛନ୍ତି ତାହା ସୂଚାଇ ଦେଉଛି ଯେ ସରକାରଙ୍କ ପରି ରାଜ୍ୟର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସୁଧୁରିବା ଅବସ୍ଥାରେ ନାହିଁ। ନିଜେ ସରକାର ସ୍ୱୀକାର କରିଛନ୍ତି ଯେ ସ୍ୱାସ୍ଥ୍ୟସେବାରେ ସାରା ଦେଶରେ ଓଡ଼ିଶା ତଳଆଡୁ ୩ ନମ୍ବରରେ ଅଛି। ଆମ ତଳକୁ ଅଛନ୍ତି ବିହାର ଓ ୟୁପି। ସେ ସବୁ ରାଜ୍ୟରେ ଓଡ଼ିଶା ପରି ସ୍ଥିର ଓ ସ୍ଥାୟୀ ସରକାର ନାହିଁ। କିନ୍ତୁ ଓଡ଼ିଶାରେ ଜଣିଏ ମୁଖ୍ୟମନ୍ତ୍ରୀ ଗୋଟିଏ ଦଳକୁ ନେଇ ୨୦ବର୍ଷ ହେଲା ସରକାର ଚଲାଇ ଆସୁଥିବା ସମୟରେ କାହିଁକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଭଳି ଅଧୋଗତି ଘଟିଛି, ତାହା ଚିନ୍ତା କରିବାର ବିଷୟ।

ଛଅ ବର୍ଷ ପୂର୍ବରୁ ଓଡ଼ିଶା ଯେଉଁ ସ୍ଥାନରେ ଥିଲା, ଇତିମଧ୍ୟରେ ତା'ଠୁ ତଳକୁ ଖସିଆସିଛି। ୨୦୧୪-୧୫ରେ ଓଡ଼ିଶାର ସ୍ୱାସ୍ଥ୍ୟ ସୂଚକାଙ୍କ ଥିଲା ୩୯.୨୩। ୨୦୧୫-୧୬ରେ ସାମାନ୍ୟ ବଢ଼ି ଏହା ୩୯.୪୩ ହୋଇଥିଲା। କିନ୍ତୁ ୨୦୧୭-୧୮ ବେଳକୁ ଖସିଆସିଛି ୩୫.୯୭କୁ। ଏକଥା ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱୀକାର କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ଇଣ୍ଡେକ୍ସରେ ୨୧ଟି ବଡ଼ ରାଜ୍ୟ ଭିତରୁ ଓଡ଼ିଶାର ସ୍ଥାନ ହେଉଛି ୧୯। ଆମ ପଛକୁ ବିହାର ଏବଂ ସବା ଶେଷରେ ରହିଛି ଉତ୍ତରପ୍ରଦେଶ। ତାଲିକାରେ ଶୀର୍ଷରେ ଅଛି କେରଳ। କେରଳରେ ପ୍ରାୟତଃ ପ୍ରତି ୫ବର୍ଷରେ ସରକାର ବଦଳିଥାଏ। ଏହାର ଅର୍ଥ ହେଲା ସ୍ଥାୟୀ ସରକାର ସହ ବିକାଶର ବିଶେଷ କିଛି ସମ୍ପର୍କ ନାହିଁ। ଡାକ୍ତରଖାନା ଓ ରୋଗୀସେବାରେ ଓଡ଼ିଶାର ଚିତ୍ର ମଧ୍ୟ ଦୟନୀୟ। ଏହା ମଧ୍ୟ ସ୍ୱୀକାର କରିଛନ୍ତି ସରକାର। କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ ଯେ ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ୧୧୭୧୦ ଭିତରୁ ୪୧୪୦ ପଦବୀ ଖାଲିପଡ଼ିଛି। ଓଡ଼ିଶା ମେଡ଼ିକାଲ ଆଣ୍ଡ ହେଲଥ୍ ସର୍ଭିସରେ ସର୍ବାଧିକ ୩୩୦୬ ପଦବୀ ଖାଲି ପଡ଼ିଛି। ଆୟୁଷରେ ଖାଲି ପଡ଼ିଥିବା ଡାକ୍ତରଙ୍କ ସଂଖ୍ୟା ହେଲା ୪୯୧। ସେହିପରି ଓଏମ୍‌ଇଏସ୍‌ରେ ୨୪୪ ଓ ଦାନ୍ତ ଡାକ୍ତରରେ ୧୦୨ଟି ପଦବୀ ଖାଲିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି। ଡାକ୍ତର ଓ ରୋଗୀ ଅନୁପାତରେ ଓଡ଼ିଶା ବହୁ ପଛରେ। ଏବେ ଜଣେ ଡାକ୍ତର ୧୯୪୩ ଜଣ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଓଡ଼ିଶାରେ ପଞ୍ଜିକୃତ ଡାକ୍ତରଙ୍କ ସଂଖ୍ୟା ୨୨୫୬୫। ଜନସଂଖ୍ୟା ପ୍ରାୟ ୪କୋଟି ୪୦ ହଜାର। ଜାତୀୟ ଅନୁପାତ ତୁଳନାରେ ବହୁ ପଛରେ ଅଛି ଓଡ଼ିଶା। ଜାତୀୟ ସ୍ତରରେ ଜଣେ ଡାକ୍ତର ୧୧୬୧ ଜଣ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଏ କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ସବୁଠୁ ଉଚ୍ଚରେ ଅଛି। ଏଠାରେ ଡାକ୍ତର ଓ ରୋଗୀଙ୍କ ଅନୁପାତ ହେଲା ୧:୫୨୦। କିଛିଦିନ ତଳେ ଓଡ଼ିଶାର ଶିକ୍ଷା ସ୍ଥିତି ସମ୍ପର୍କରେ ସରକାର ଚିନ୍ତାଜନକ ତଥ୍ୟ ପ୍ରଦାନ କରିଥିଲେ। ରାଜ୍ୟରେ ୧୧୫ଟି ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଘରନାହିଁ। ୯୦ଟି ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନାହିଁ। ନିଶ୍ଚିତ ଭାବେ ଏହି ସ୍କୁଲଗୁଡ଼ିକର ପିଲାମାନେ ବାହାରେ କିମ୍ବା ଅଫିସ ବାରଣ୍ଡାରେ ପଢୁଥିବେ। ଭାଜପା ବିଧାୟକ ମୋହନ ମାଝୀଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଗଣଶିକ୍ଷା ମନ୍ତ୍ରୀ କହିଥିଲେ ଯେ ୩୧୫ଟି ବିଦ୍ୟାଳୟରେ ଛାତ୍ର ସଂଖ୍ୟା ୧୦ରୁ କମ୍। କମ୍ପ୍ୟୁଟର ଶିକ୍ଷା ବ୍ୟବସ୍ଥା ସରକାର କରିଛନ୍ତି। ବିଭିନ୍ନ ସ୍କୁଲକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। କିନ୍ତୁ ୨୮ଟି ହାଇସ୍କୁଲରେ ବିଦ୍ୟୁତ୍ ସଂଯୋଗ ନଥିବାରୁ କମ୍ପ୍ୟୁଟରଗୁଡ଼ିକ ଅବ୍ୟବହୃତ ହୋଇ ପଡ଼ିରହିଛି। ଏଇସବୁ ହାଇସ୍କୁଲରେ ବିଜ୍ଞାନାଗାର ବିଜୁଳି ଅଭାବରୁ ଯେ ଆଦୌ ଚାଲୁନଥିବ ଏଥିରେ ସନ୍ଦେହ ନାହିଁ। ୨୬୧ଟି ବିଦ୍ୟାଳୟରେ ପାଠାଗାର ନାହିଁ। ତେଣୁ ପାଠାଗାର ସକାଶେ କିଣାଯାଉଥିବା ବହିର ଅବସ୍ଥା କ'ଣ ହୋଇଥିବ ଏହାକୁ ଅନୁମାନ କରାଯାଇପାରେ। ହୋଇପାରେ ବହି କିଣା ଅର୍ଥ ଚଳୁ ହୋଇଥିବ କିମ୍ବା ଆଦୌ ବହି କିଣାଯାଇ ନଥିବ। ମନ୍ତ୍ରୀ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ, ରାଜ୍ୟର ୪୭୦ଟି ବିଦ୍ୟାଳୟରେ ଜଣେ ଲେଖେ ଶିକ୍ଷକ ଅଛନ୍ତି। ତେଣୁ ଜଣେ ଶିକ୍ଷକ ଏକାଧିକ ଶ୍ରେଣୀର ଛାତ୍ରଙ୍କୁ କିଭଳି ପଢ଼ାଉଥିବେ ଏହା ଭଲଭାବେ ବୁଝି ହୋଇଯାଉଛି। ୪୭୦ ସଂଖ୍ୟା କିଛି କମ୍ ନୁହେଁ। ଏକ ଉନ୍ନତ ସ୍ୱାସ୍ଥ୍ୟପ୍ରଦ ରାଜ୍ୟ ଗଠନରେ ଲୋକଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେବା ଏକ ଜନମଙ୍ଗଳ ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ। ରାଜନୈତିକ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ କେନ୍ଦ୍ର ସହ ଅତ୍ୟନ୍ତ ସୁସମ୍ପର୍କ ରହିଛି ବୋଲି କୁହାଯାଏ। କେନ୍ଦ୍ର ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ରାଜ୍ୟକୁ ଦେଉଛନ୍ତି। ରାଜ୍ୟର ଏପରି ଅନେକ ଉପାନ୍ତ କ୍ଷେତ୍ର ଅଛି ଯେଉଁଠି ବ୍ୟକ୍ତିଗତସ୍ତରରେ ଡାକ୍ତରମାନେ ନିଜେ ରକ୍ତଦାନ କରିଥାନ୍ତି ତ ମୁର୍ମୁଷୁ ରୋଗୀଙ୍କୁ ନିଜ ହାତରୁ ଔଷଧ ଖର୍ଚ୍ଚ ଦେଇ ରୋଗୀକୁ ଡାକ୍ତରଖାନାକୁ ବି ଭାରରେ ବୁହାଉ ଥିବାର ଦୃଶ୍ୟ ଗଣମାଧ୍ୟମର ସାମ୍ନାକୁ ଆସେ। ଅନେକ ଡାକ୍ତର ରହିଛନ୍ତି ଯେଉଁମାନେ ମାସ ମାସ ଧରି ନିର୍ଦ୍ଧାରିତ ସମୟରେ ସେମାନଙ୍କର ଦରମା ବି ପାଇନଥାନ୍ତି। ପରିବାର ଠାରୁ ଦୂରରେ ରହି ରୋଗୀ ସେବାକୁ ଜୀବନର ବ୍ରତ ଭାବେ ପାଳନ କରି ମାନବ ସେବାକୁ ମାଧବ ସେବା ଭାବେ ଭାବିଥାନ୍ତି। ତେଣୁ ଡାକ୍ତର ସମାଜ ପ୍ରତି କେବଳ ସରକାରୀ ସ୍ତରରେ ନୁହେଁ ଲୋକମାନଙ୍କର ମଧ୍ୟ ସମର୍ପିତ ଓ ନିଷ୍ଠାବାନ ତ୍ୟାଗପୂତ ହୃଦୟ ରହିବା ଜରୁରୀ। ରାଜନୈତିକ ପ୍ରସଙ୍ଗକୁ ଛାଡ଼ି ସ୍ୱାସ୍ଥ୍ୟସେବା ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଲେ ଏକ ରାଜ୍ୟ ସ୍ୱାସ୍ଥ୍ୟପ୍ରଗତିଶୀଳ ଭାବେ ବିକଶିତ ହେବ।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

### ତ୍ୟାଗ :-

ଭାଗବତର ଏକାଦଶ ସ୍କନ୍ଦର ନବମ ଅଧ୍ୟାୟର ନାମ ଅବଧୂତ ଉପାଖ୍ୟାନ। ଦତ୍ତାତ୍ରେୟ ଅବଧୂତ ଅଟନ୍ତି। ସେ କହିଛନ୍ତି ଯେତେବେଳ ପର୍ଯ୍ୟନ୍ତ ତ୍ୟାଗ ନାହିଁ ସେତେବେଳ ପର୍ଯ୍ୟନ୍ତ ଉଦ୍ୱେଗ, ଅଶାନ୍ତି ରହିଥାଏ।

ପରିଗ୍ରହୋହି ଦୁଃଖାୟ ଯଦ୍ ଯତ୍ ପ୍ରିୟତମଂ ନୃଣାମ୍।
ଅନନ୍ତଂ ସୁଖ ମାପ୍ନୋତି ତଦ୍ ବିଦ୍ୱାନ ଯତକିଞ୍ଚନ।।
ସାମିଷଂ କୁରରଂ ଜଘ୍ନୁର୍ବଲିନୋ ଯେ ନିରାମିଷାଃ।
ତଦାମିଷଂ ପରିତ୍ୟଜ୍ୟ ସ ସୁଖଂ ସମବିଂଦତ।।

(ଭାଗବତ)

ବ୍ୟକ୍ତିକୁ ଯେଉଁ ବିଷୟ ପ୍ରୀୟ ଲାଗିଥାଏ ତାର ସଂଗ୍ରହ କରିବା ଜୀବନର ସବୁଠାରୁ ଦୁଃଖର କାରଣ। ଯେଉଁ ବୁଦ୍ଧିମାନ ଲୋକ ଏହା ବୁଝି ସଂଗ୍ରହ କରିବାର ଇଚ୍ଛା ନ ରଖି ଅନାସକ୍ତ ଜୀବନ ବିତାଇଥାଏ ସେ ସୁଖକୁ ପ୍ରାପ୍ତ କରିଥାଏ।

ଦତ୍ତାତ୍ରେୟ କହିଛନ୍ତି ଗୋଟିଏ ପାଣିକୁଆ ପକ୍ଷୀ ଖଣ୍ଡେ ମାଂସ ଥଣ୍ଟରେ ଧରି ଉଡି ଯାଉଥିବା ସମୟରେ ତାକୁ ବଡ ଚିଲଟିଏ ଦେଖିଥିଲା ଓ ତା ପଛରେ ମାଂସ ଖଣ୍ଡଟିକୁ ନେବା ପାଇଁ ପଡି ଯାଇଥିଲା। ପାଣିକୁଆଟିକୁ ଚିଲଟି ବାରମ୍ବାର ଥଣ୍ଟ ମାରି ଆଘାତ ଦେବାରେ ଲାଗିଥିଲା। ଶେଷରେ ଯେବେ କୁଆଟି ମାଂସଟିକୁ ପକାଇ ଦେଇ ଥିଲା ସେତେବେଳେ ଚିଲଟିର ଥଣ୍ଟ ଆଘାତରୁ ମୁକ୍ତି ପାଇଥିଲା ଓ ତାକୁ ଶାନ୍ତି ମିଳିଥିଲା। "ତ୍ୟାଗେନ ଏକେନ ଅମୃତତ୍ୱଂ ଆନଶୁ ... ନ କର୍ମଣା ନ ପ୍ରଜୟ ଧନେନ"। ଅମୃତର ପ୍ରାପ୍ତି କର୍ମ, ସନ୍ତାନ ଅଥବା ଧନରେ ହୋଇନଥାଏ। ତ୍ୟାଗରେ ଅମୃତର ପ୍ରାପ୍ତି ତଥା ଶାନ୍ତି ମିଳିଥାଏ।

ଚୀରହରଣ ପ୍ରସଙ୍ଗ ତ୍ୟାଗ ଭାବନାକୁ ବାଖ୍ୟା କରିଥାଏ। ଗୋପୀମାନେ ନିଜର ବସ୍ତ ଯମୁନା କୂଳରେ ରଖି ଜଳକ୍ରୀଡା କରୁଥାନ୍ତି। ଶ୍ରୀକୃଷ୍ଣ ସେମାନଙ୍କ ବସ୍ତ୍ର ଚୋରୀ କରି କଦମ୍ବ ଗଛର ଉଚ୍ଚା ଡାଳରେ ଯାଇ ବସିଗଲେ। ଗୋପୀମାନେ ଜଳରେ ନିବସ୍ତ୍ର ଓ ନିରାବୃତ ଥିଲେ। ସେମାନେ ନିଜ ବସ୍ତ୍ର ଦେଇଦେବା ପାଇଁ ବିନତି କଲେ ଶ୍ରୀକୃଷ୍ଣ କହିଲେ ବାହାରକୁ ଆସି ନେଇଯିବା ପାଇଁ। ଗୋପୀ ସବୁ ଦୁଇ ହାତରେ ନିଜ ଅଙ୍ଗକୁ ଢାଙ୍କି ଜଳରୁ ବାହାରକୁ ଆସିଲେ। ଶ୍ରୀକୃଷ୍ଣ ସେତେବେଳେ କହିଥିଲେ ଦୁଇହାତ ଉପରକୁ ଉଠାଇ ମାଗ ତେବେ ବସ୍ତ୍ର ମିଳିବ। ଏହାର ତାତ୍ପର୍ଯ୍ୟ ଯେ ଯେପର୍ଯ୍ୟନ୍ତ ସ୍ତ୍ରୀ-ପୁରୁଷ ଭାବର ଦେହାଭୀମାନ ରହିଥାଏ ସେ ପର୍ଯ୍ୟନ୍ତ ପରମାତ୍ମା ହାତେ ଦୂରରେ ରହିଥାନ୍ତି। କବିର ଦାସ କୁହନ୍ତି ମନ ମୁଣ୍ଡନାରେ! ମନ ମୁଣ୍ଡନା। ମାତ୍ର ଗେରୁକପଡା ପିନ୍ଧିବାରେ, ଲଣ୍ଡିତ ମସ୍ତକ କରିବାରେ କିମ୍ବା ଜଟାଜୁଟ ବଢ଼ାଇବାରେ ତ୍ୟାଗ ବୈରାଗ୍ୟ ଆସିନଥାଏ। ମନକୁ ଖିଅର କରିବା ଦରକାର। ଶଙ୍କରାଚାର୍ଯ୍ୟ ମଧ୍ୟ ବିନୋଦରେ କହିଛନ୍ତି :

ଜଟିଳୋ ମୁଣ୍ଡି ଲୁଞ୍ଚିତକେଶ କାଷାୟମ୍ବର ବହୁକୃତ ବେଶଃ।
ପଶ୍ୟନ୍ନପତି ଚ ନ ପଶ୍ୟତି ମୂଢ଼ ଉଦର ନିମିତ୍ତଂ ବହୁକୃତ ବେଶଃ।।

ପେଟ ପାଇଁ ମଣିଷ କ'ଣ କ'ଣ ନ କରେ? ବିଚିତ୍ର ବେଶ ଧାରଣ କରିବା ଅପେକ୍ଷା ମନର ମଇଳାକୁ ତ୍ୟାଗ କର। ଯାହା କହିବା ତାହା ଆଚରଣରେ ଦେଖାଇବା ଏହା ହେଉଛି ବାସ୍ତବରେ ତ୍ୟାଗ। ଲୋକନାଥ ବାଳ ଗଙ୍ଗାଧର ତିଳକ 'ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର ବୋଲି କହିଥିଲେ। ସ୍ୱାମୀ ଶିବାନନ୍ଦଜୀ ମହାରାଜ କୁହନ୍ତି ଆତ୍ମସାକ୍ଷାତକାର ତୁମର ଜନ୍ମସିଦ୍ଧ ଅଧିକାର। ଭଗବତ ସାକ୍ଷାତକାର ପାଇଁ ଘରଦ୍ୱାର ଛାଡିବା ଜରୁରୀ ନୁହେଁ। ବସାଇଥିବା ଘରକୁ ଛାଡି ହିମାଳୟରେ ନୂଆଘର ବସାଇବା ତାତ୍ପର୍ଯ୍ୟ କଣ? ଲୋଭକୁ ତ୍ୟାଗ କର।

*(କ୍ରମଶଃ)*

## ସହରୀ ଲୋକର ଭିନ୍ନ ଠାଣି



**କ୍ଷମାକର ବେହେରା**

**ଗା**ଆଁକୁ ମୋ ଦିନେ ସହରିଆ ସାଙ୍ଗ
ଆସିଥିଲା ବୁଲି ଯିବ ବୋଲି,
ଗଲାବେଳେ କିନ୍ତୁ ତା' ମନର କଥା
କହିଗଲା ସବୁ ମନ ଖୋଲି।
ଗାଆଁରେ ରହିଛି ସେନେହ ସରାଗ
ଶରଧା ସହାନୁଭୂତି ଭରି
ଏ ସବୁର ମୂଳ ବୁଝେ କେ ସହରେ
ଲାଗଇ ଦିବା ସପନ ପରି।
କକା, ଖୁଡୀ, ଜେଜେ, ଜେଜେମା, ବଡ଼ପା
ବଡମା' ଡାକରେ ପେଟ ପୁରେ,
ସହରିଆ ଡାକ ଅଙ୍କଲ ଆଣ୍ଟିରେ
ଆପଣାପଣର କେତେ ଦୂରେ !
ସବୁଜ ଶ୍ୟାମଳ ଗହଳ ବନାନୀ
ତୋଟାମାଳେ ସୁଲୁସୁଲୁ ବାଆ
ଫଗୁଣ ପରଶେ କୋଇଲିର କୁହୁ-
ତାନ ମନ ମୋହି ନିଏ ଆହାଃ !
କୁଆଁର ପୁନେଇ, ରଜ, ହୁରିଖେଳ,
ଦଶହରା, ଦୋଳ ମେଳଣରେ



ଏକ ମନ ଏକ ବିଚାର ସବୁରି
ଖୁସିରେ ପାଳନ୍ତି ମନ ଭରେ।
ସହରେ ମଣିଷ ବୁଝେ ନିଜ କଥା
ଏସବୁ ପାଇଁ ତା ନାହିଁ ବେଳ
ସହରିଆ ସାଙ୍ଗ ସହରିଆ କଥା
ନାହିଁ ଗାଆଁ ପରି ସାଥୀମେଳ।
କୁଟ କି କପଟ ନାହିଁତ ଗାଆଁରେ
ନିରିମଳ ମନ, ବାଆ, ପାଣି
ବିଷ ଭରା ପରିବେଶ ସହରରେ
ସହରୀ ଲୋକର ଭିନ୍ନେ ଠାଣି।

*ଶିକ୍ଷକ, ସରକାରୀ ଉ. ପ୍ରା. ବିଦ୍ୟାଳୟ*
*କଳାପାଟ, ହରିଚନ୍ଦନପୁର, କେନ୍ଦୁଝର*
*ଦୂରଭାଷ : ୯୮୫୩୫୬୯୭୮୫*

## ନୀଳ ପୁରୁଷ



**ପ୍ରିୟଦର୍ଶିନୀ ମହାନ୍ତି**

**ନା**ନାଦି ରଙ୍ଗରେ ରଙ୍ଗେଇ ହେଲେ ବି
ସବୁ ଲାଗେ କାହିଁ ଫିକା,
ତୁମ ନୀଳରଙ୍ଗ ମାଖୀ ଦିଅ ଶ୍ୟାମ
ତୁମ ବିନା ଲାଗେ ଏକା।

କେତେ ତୁମ ରଙ୍ଗ, କେତେ ତୁମ ଲୀଳା
ତୁମେ ପ୍ରେମିକ ପ୍ରବୀର
ତୁମ ପ୍ରେମେ ରଙ୍ଗେ ରଙ୍ଗମୟ ସବୁ
ତୁମକୁ କି ଆଗୋଚର।

ସାଗର ଆକାଶ ଅଗ୍ନି ଓ ଭୂପୃଷ୍ଠ
ଚଉଦିଗେ ତୁମ ବସ,
ପରିବ୍ୟାପ୍ତ ତୁମେ ଦିଗନ୍ତ ବିସ୍ତାରି
ତୁମେ ତ ନୀଳ ପୁରୁଷ।



ରାଧିକାର ସଙ୍ଗେ ହୋଲି ଖେଳୁଥିଲ
ହୋଲିକାକୁ କଲ ଦହନ,
ଈର୍ଷା ହିଂସା ଦ୍ୱେଷ ଅସହିଷ୍ଣୁତାକୁ
ମନୁ କରିଦିଅ ପ୍ଲାବନ।

ପୁଣି ଆଉଥରେ ଏ ଧାରା ପୃଷ୍ଠରେ
ଧରି ଆସ ଅବତାର,
ପାପ କ୍ଷୟ କରି ଧରମ ସ୍ଥାପିଣ
ହୃଦେ ଭର ଭାଇଚାର।

*ଶିକ୍ଷୟିତ୍ରୀ, ଖୋର୍ଦ୍ଧା*

## ନୀରବ ଝଡ



ରଞ୍ଜନ ମିଶ୍ର

**ସ**କାଳର ଝ ଖଟିର ମଜାଟା ଖୁବ୍ ନିଆରା। ଅଖ, ଫକା ନନା, ଚୁନି ଭାଇ, ଦୁଃଖିଆ, ସୁଶାନ୍ତ, ସଦାଶିବ ଏମାନେ ରହିଲେ ଚା' ପିଇବା ସହିତ ଖଟିର ମଜା ଟିକେ ନିଆରା । ସମସ୍ତେ ଚାଲିଗଲେଣି । ଶଶି ଭାଇ ଚା' ଦୋକାନ ବେଞ୍ଚର ଗୋଟିଏ ପାଖରେ ଲକ୍ଷହୀନ ଭାବରେ ରାସ୍ତା ଉପରକୁ ଚାହିଁ ବସିଥିଲା ସଦାଶିବ । ମର୍ଣ୍ଣିଂ ଓ୍ୱାକ୍‌ରେ କେତେଜଣ ହାଫ୍ ପ୍ୟାଣ୍ଟ, ହାପ୍ ଗେଞ୍ଜି ପିନ୍ଧି ଧାଁ ଦୌଡ କରୁଛନ୍ତି । ଓମ୍‌ଫେଡ୍ ଗାଡି ପପୁ ଭାଇ ଦୋକାନ ଆଗରେ କ୍ଷୀର ଅନଲୋଡ୍ କରୁଛି । ଦୋଳସାହି ହାଟରୁ ପରିବା ଆଣିବା ପାଇଁ ବଜାରର କିଛି ପରିବା ବେପାରୀମାନେ ମାଛ ଗାଡି କିମ୍ବା ବାବୁ ମହାନ୍ତି ଟ୍ରେକର୍‌କୁ ଅପେକ୍ଷା କରି ରହିଛନ୍ତି । ସୂର୍ଯ୍ୟର ଆଖି ଏପର୍ଯ୍ୟନ୍ତ ଫିଟିନି, ସେଥିପାଇଁ ପରିବେଷଟା ପୁରା ଅନ୍ଧାରିଆ ଲାଗୁଛି । ସଦାଶିବ ଚା' ପିଇସାରି ଖାଲି ଗ୍ଲାସ୍‌ଟାକୁ ଶଶିଭାଇ ହାତକୁ ବଢାଇଦେଇ ପକେଟରୁ ସିଗାରେଟ୍ ବାହାର କରି ସେଥିରେ ନିଆଁ ଲଗାଇଲେ । ହଠାତ୍ ଶୁଭିଲା ଏକ ଗାଡି ଧକ୍କାର ଶବ୍ଦ ଓ କାହାର କରୁଣ ଚିତ୍କାର । ଶବ୍ଦ ଶୁଣି ରୁଣ୍ଡ ହୋଇଗଲେ ରାସ୍ତା ଉପରେ ଅନେକ ଲୋକ । ଆରେ ଏ କ'ଣ ? ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡିରହିଛି ଯୁବକ ଜଣକ । ତା' ବାଇକ୍‌ଟି ମଧ ସଂପୂର୍ଣ୍ଣ ଭାଙ୍ଗିଯାଇଛି । ଧକ୍କା କରିଥିବା ଗାଡିଟି ଆଖି ପିଛୁଳାକେ କେହି କିଛି ବୁଝିବା ପୂର୍ବରୁ ସେଠାରୁ ଖସି ପଳାଇଯାଇଛି । ପରିସ୍ଥିତି ଭୟାନକ ଥିବାରୁ ସେଠାରେ ଉପସ୍ଥିତ କିଛି ଲୋକଙ୍କ ସହଯୋଗରେ ସଦାଶିବ୍ ସେ ଅଜଣା ଯୁବକକୁ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ନେଇଗଲା । ଡାକ୍ତରଖାନା କଥା କହିଲେ ନସରେ। ଆଜିକାଲି ଯମପୁରଠାରୁ ବଡ ଭୟଙ୍କର ଲାଗେ ଡାକ୍ତରଖାନା । ରୋଗୀଟିଏ ଆଉଟ୍‌ଡୋର ବାରଣ୍ଡା ଛଇଁଲା ପରେ ଭଲ ହେବା ତା' ଭାଗ୍ୟ। ସେ ଯାହାହେଉ ସଦାଶିବ୍ ଆଉଟ୍‌ଡୋର୍‌ରେ ଟିକେଟ୍‌ଟିଏ କାଟି ଡାକ୍ତରଙ୍କୁ ଦେଖାଇଲା । ସଙ୍ଗେ ସଙ୍ଗେ ଟ୍ରିଟ୍‌ମେଣ୍ଟ ଆରମ୍ଭ ହୋଇଗଲା । ମୁଣ୍ଡ, ହାତ, ଗୋଡ ଅନେକ କ୍ଷତ ସ୍ଥାନରେ ବେଣ୍ଡେଜ୍ କରି ଦିଆଗଲା । ବ୍ଲଡ୍ ଆବଶ୍ୟକ ହେବାରୁ ନିଜ ଦେହରୁ ରକ୍ତ ଦେବାକୁ ପଡିଲା ସଦାଶିବ୍‌ଙ୍କୁ । କିନ୍ତୁ ନିୟତିର ନିୟମ ଥିଲା କିଛି ଅଲଗା । ତାଙ୍କର ସମସ୍ତ ପରିଶ୍ରମ, ଡାକ୍ତରମାନଙ୍କ ଚେଷ୍ଟା ଶେଷରେ ବିଫଳ ହେଲା । ସବୁଦିନ ପାଇଁ ଆଖିବୁଜିଦେଲା ସେ ଅଜଣା ଯୁବକ । ଅବସ ଯାଇଥିବା ଶରୀର, ଭାଙ୍ଗି ଯାଇଥିବା ମନକୁ ନେଇ ସଦାଶିବ ଫେରିଆସିଲା ନିଜ ଘର ପୀରହାଟକୁ ଯିବାପାଇଁ ଭଦ୍ରକ ବସ୍‌ଷ୍ଟାଣ୍ଡକୁ ।

ଭଦ୍ରକ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବସ୍‌ର ଶେଷଆଡକୁ ସିଟ୍‌ଟିଏ ପାଇ ବସିପଡିଲା ସଦାଶିବ୍ । ହାତଘଣ୍ଟାକୁ ଚାହିଁଲା, ଚାରିଟା ବାଜିଲାଣି । ସକାଳୁ ଖାଇବା ପିଇବା କିଛି ହୋଇନାହିଁ । ମନ ଭଲ ନାହିଁ, ଭୋକ ବି ଲାଗୁନି ସଦାଶିବ୍‌ଙ୍କୁ। ଅନ୍ୟମନସ୍କ ଭାବେ ନଜର ପଡିଲା ତାଙ୍କ ପାଖ ସିଟ୍‌ରେ ବସିଥିବା ଜଣେ ସୁନ୍ଦରୀ ଯବୁତୀ ଉପରେ । ହାତରେ ତାଙ୍କର କଳା ରଙ୍ଗର ବ୍ୟାଗ୍ । ସଦାଶିବ୍ କିନ୍ତୁ ଭାବନା ରାଜ୍ୟରେ ନିଜକୁ ହଜାଇ ଦେଇଛନ୍ତି ସେ ଅଜଣା ଯୁବକଟି ପାଇଁ । "- ସେ ଯୁବକଟି ଯଦି ହେଲ୍‌ମେଟ୍ ପିନ୍ଧି ଥା'ନ୍ତା, ହୁଏତ ଆଜି ଏ ଅଘଟଣ ଘଟି ନଥା'ନ୍ତା । ସେ କ'ଣ ଆମ ଅଞ୍ଚଳର ପିଲା ନା ଅନ୍ୟ କେଉଁଠିକାର ? ତା' ପରିବାରରେ କ'ଣ ଆଉ କେହି ନାହାନ୍ତି ?" ଏମିତି ଅନେକ କଥା ଚିନ୍ତା କରି ତାକୁ ବିବ୍ରତ ଲାଗୁଥାଏ । ବସ୍‌ଟି ଷ୍ଟାଣ୍ଡ ଛାଡି ଚାନ୍ଦବାଲି ଅଭିମୁଖେ ଯାତ୍ରା ଆରମ୍ଭ କଲା । କିଛି ସମୟ ପରେ ପାଖ ସିଟ୍‌ରେ ବସିଥିବା ଯବୁତୀ ଜଣକ ପଚାରିଲେ,



- ଆପଣ କେଉଁଠିକୁ ଯିବେ ?

- ପୀରହାଟ । ଆଉ ଆପଣ.. ?

- ତିହିଡି। ଆପଣ ଏତେ ବ୍ୟସ୍ତ ଜଣା ପଡୁଛନ୍ତି ?

- ନା, ସେ କିଛି ନୁହେଁ ।

ତେଇଶି / ଚବିଶ୍ ବର୍ଷର ଶ୍ୟାମଳ ରଙ୍ଗର ଝିଅଟିଏ, ଆକର୍ଷଣୀୟ ଚେହେରା, ତା' ସାଙ୍ଗକୁ ତାର ଟଣା ଟଣା ସୁନ୍ଦର ଆଖି ଦୁଇଟି ତା' ଚେହେରାକୁ ଆହୁରି ଆକର୍ଷଣୀୟ କରୁଥିଲା । ଝିଅଟିର ହସ ହସ ମୁହଁକୁ ଦେଖିଲେ ଲାଗୁଥିଲା ଖୁବ୍ ମେଳାପି ଝିଅଟିଏ । କିଛି ସମୟ କଥାବାର୍ତ୍ତାରୁ ଜାଣିଲି ସେ ଭଦ୍ରକରେ ଏକ ଘରୋଇ ହସ୍‌ପିଟାଲ୍‌ରେ ନର୍ସିଂ ଟ୍ରେନିଂ ନେଉଛି । ଛୁଟିରେ ଘରକୁ କିଛିଦିନ ପାଇଁ ବୁଲିବାକୁ ଯାଉଛି । ତା'ପରେ ତାଙ୍କୁ ପଚାରିଦେଲି, "କ'ଣ ବାପା ମା'ଙ୍କ ପାଖକୁ ଯାଉଛ ବୋଲି ବହୁତ ଖୁସି ହେଉଛ ?" ସଦାଶିବଙ୍କ କଥା ଶୁଣି ସେ ଝିଅ ହଠାତ୍ ଚୁପ୍ ହୋଇଗଲା। ତା' ହସ ହସ ମୁହଁରେ ଯେମିତି ଦୁଃଖର କଳା ବାଦଲ ଘୋଟି ଆସିଲା ଏବଂ କହିଲା, " ନାଇଁ ଆଜ୍ଞା, ମୋ ବାପା, ମା' ମୋତେ ପର କରି ଆଜକୁ କୋଡିଏ ବର୍ଷ ହେବ ହାତ ଧରା ଧରି ହୋଇ ଆରପାରିକୁ ଚାଲିଯାଇଛନ୍ତି । ନିଜର କହିଲେ ଘରେ ମୋର ବଡ ଭାଇ ।" ଅଜାଣତରେ ଝିଅଟିକୁ ଦୁଃଖ ଦେଇଥିବାରୁ ଭାରି କଷ୍ଟ ଲାଗିଲା ସଦାଶିବକୁ । ଆଉ କିଛି ପଚାରିବାକୁ ସାହସ ହେଲାନି ତାଙ୍କର । କିନ୍ତୁ ସେ ଝିଅଟି କ'ଣ ଭାବିଲା କେଜାଣି ତା'ର ସବୁ ସୁଖ ଦୁଃଖକୁ ସଦାଶିବଙ୍କ ଆଗରେ କହିଦେଲା । ବିଶ୍ୱାସ ହେଉ ନଥିଲା ଏ ହସକୁରା ଚେହେରା ଭିତରେ ପୁଣି ଏତେ ଦୁଃଖ ଲୁଚି ରହିଛି ବୋଲି।

ଝିଅଟି ତା' ଭାଇ ବିଷୟରେ କହିବା ଆରମ୍ଭ କଲା,

- ଜାଣିଛନ୍ତି ଆଜ୍ଞା, ମୋ ଭାଇ ମୋ ଜୀବନ, ମୁଁ ତାକୁ ମୋ ଜୀବନଠାରୁ ବି ଅଧିକ ଭଲ ପାଏ । ପିଲାଟି ଦିନରୁ ମୁଁ ତା' ଠାରୁ ଅନେକ ସ୍ନେହ ପାଇଛି। ବାପା, ମା' ଚାଲିଗଲା ପରେ ତା'ର ସ୍ନେହ ଆହୁରି ଅଧିକା ହୋଇଗଲା ମୋ ଉପରେ । ମୋ ଭାଇ ବିଛଣା ଛାଡି ସୂର୍ଯ୍ୟୋଦୟ ଦେଖିବା ଆଗରୁ ଆଖି ବନ୍ଦ କରି ମୋ ରୁମ୍ ଭିତରକୁ ଆସେ, ସେ ପ୍ରଥମେ ମୋ ମୁହଁ ଦେଖେ, ପରେ ଦୁନିଆ ଦେଖେ । ତା' ଜୀବନ ଠାରୁ ମୋତେ ଅଧିକ ଭଲ ପାଏ ମୋ ଭାଇ । ମୁଁ ହଷ୍ଟେଲ୍‌ରେ ରହିବା ଦିନଠାରୁ ଏମିତି କୌଣସି ଦିନ ନାହିଁ, ଯେଉଁଦିନ କି ସେ ଫୋନ୍‌କରି ମୋ ସୁବିଧା, ଅସୁବିଧା କଥା ପଚାରି ବୁଝିନି । ଆଉ ମୁଁ ବି ଟିକେ ଛୁଟି ପାଇଲେ ମୋ ଭାଇପାଖକୁ ଚାଲିଆସେ । ସେ ଖୁବ୍ ଖୁସିହୁଏ । ମୋ ଭାଇ ମୁହଁରେ ଖୁସି ଦେଖିଲେ ମୋତେ ଭାରି ଆନନ୍ଦ ଲାଗେ । ଘରେ ଥିଲାବେଳେ ଆମେ ଭାଇ ଭଉଣୀ ଆମର ସେ ପୁରୁଣା ଘର ଭିତରେ ବାପା ମା'ଙ୍କ ସ୍ମୃତିକୁ ମନେ ପକାଉ। ବାପାଙ୍କ ତାଗିଦ୍, ମା'ଙ୍କ ଆକଟ ମୁଁ ତ କେବେ ଦେଖିନି, ମୋ ଭାଇ ସେକଥା ମନେ ପକାଇଦିଏ । ଉଭୟ ଉଭୟଙ୍କ ଦୁଃଖକୁ ବାଣ୍ଟିବାକୁ ଚେଷ୍ଟା କରୁ। ଛୁଟି ସରିଗଲେ ପୁଣି ମୋ ଭାଇ ଏକା ହୋଇଯାଏ । ଭାଇ ବି ମଝିରେ ମଝିରେ ମୋ ହଷ୍ଟେଲକୁ ବୁଲିବାକୁ ଆସେ ।" କହୁ କହୁ ଝିଅଟି ଭେନିଟ୍ ଭିତରୁ ତା' ଭାଇର ଫଟୋ କାଢି ସଦାଶିବଙ୍କୁ ଦେଖାଇଦେଲା । ଆଉ ସେ ଫଟୋକୁ ନିଜ ମଥାରେ ଲଗାଇ କହିଲା, "ଭାଇ ମୋ ପାଇଁ ଠାକୁର । ତା'ଠାରୁ ମୁଁ ମା'ର ସ୍ନେହ ପାଇଛି, ବାପାର ଆକଟ ପାଇଛି, ସାଙ୍ଗପରି ମିଶିଛି, ସେ ମୋ ଜୀବନର ସବୁକିଛି ।"

ଝିଅଟି ଭେନିଟ୍‌ର ସେ ଫଟୋ ଚିତ୍ରଟିକୁ ଦେଖି ସଦାଶିବ୍ ସ୍ତବ୍ଧ ହୋଇଯାଇଥିଲା । ନା ଥିଲା ତା' ମୁହଁରେ କଥା, ନା ଥିଲା ତା' ମୁହଁରେ ହସ। ସେ କାନ୍ଦି ପାରୁଥିଲା ନା ହସି ପାରୁଥିଲା । ସେ ଏକ ପ୍ରକାର ନିର୍ଜୀବ ବସ୍ତୁଟି ପରି ସେ ଝିଅଟି ହାତରେ ଥିବା ଫଟୋଟିକୁ ଚାହିଁ ରହିଥିଲା । ହଠାତ୍ ବସ୍ କଣ୍ଡକ୍ଟର କହି ଉଠିଲେ, "ତିହିଡି କିଏ ଓହ୍ଲାଇବେ, ତିହିଡି ।" କଣ୍ଡକ୍ଟରର ଡାକରାରେ ଝିଅଟି ପ୍ରସ୍ତୁତ ହେଲା ବସ୍‌ରୁ ଓହ୍ଲାଇବା ପାଇଁ । ତା' କଳା ବ୍ୟାଗ୍‌ଟିକୁ ହାତରେ ଧରି ଓହ୍ଲାଇଲା ବେଳେ ହସିଦେଇ କହିଲା, "ରହିଲି ଆଜ୍ଞା, ଅଳ୍ପ ସମୟ ସାକ୍ଷାତରେ ମୋ ମନକଥା ସବୁ ଆପଣଙ୍କୁ କହିଦେଲି, ସେଥିପାଇଁ କିଛି ଖରାପ ଭାବିବେନି ।" ସଦାଶିବ୍ ହଁ ବା ନା କିଛି କହିପାରି ନଥିଲା । କହିବାର ସବୁ ଶକ୍ତି ହରାଇ ବସିଥିଲା ସେ ଯେମିତି ସେହି ଫଟୋକୁ ଦେଖିଲା ପରେ। ଚାହୁଁ ଚାହୁଁ ବସ୍ ଆସି ପହଞ୍ଚିଲା ପୀରହାଟରେ। ସେତେବେଳକୁ ସୂର୍ଯ୍ୟ ଲୁଚି ସାରିଥିଲା ପଶ୍ଚିମ ଆକାଶରେ। ଚାରିଆଡେ ଖାଲି ଅନ୍ଧାର ଆଉ ଅନ୍ଧାର।

*ଦକ୍ଷିଣ ଦୌଲତପୁର, ପୀରହାଟ ବଜାର*
*ଦୂରଭାଷ : ୯୪୩୭୬୯୭୨୯୨*

## ବିଭିନ୍ନ ଭାଷା କବିତା

## ମୋ ଭାଷା ମୋ ମାଟି



**ଗଜାନନ ମିଶ୍ର**

**ମୋ** ଭାଷା ମୋ ଆଶା ମୋ ଭରସା
ମୋ ମାଟି ମୋ ଥାତି ମୋ ଖିରିସା।
ମା ମୋର କୋସଲି ମୁଁ ଅସଲି
ଦେଶ ଭାରତ ମଣିଷ ବୋଲି।

କେତେ କଥା କେତେ ବ୍ୟଥା ଭାଷା
ହିନ୍ଦୀ ବୋଡୋ ବଙ୍ଗଳା ଓଡ଼ିଆ।
ତେଲୁଗୁ ତାମିଲ ଗୁଜରାଟି
ସଂସ୍କୃତ ମାଲାୟାଲାମ ସିନ୍ଧି।

କନ୍ନଡ କୋନକାନୀ ସାନ୍ତାଳି
ମଣିପୁରୀ ମରାଠୀ ନେପାଳି।
ଆସାମି କାଶ୍ମୀର ମୋର ବୋଲି
ଡୋଗ୍ରି ପଞ୍ଜାବି ଉର୍ଦ୍ଦୁ ମୈଥିଳି।

ଆଉ ଆଉ କେତେ କେତେ ଭାଷା
କହିବି ଶକ୍ତି ନାଇଁ ସହସା।
ଭାଷା ଭାଷା ଭାଷା ଭାଷା
ଭାଷା ଆଶା ପରିଚିତି ଖାସା।



ଭାଷାରେ ପ୍ରେମ ଭାଷାରେ ସତ୍ୟ
ଜୀବନର ସବୁ ଉପପାଦ୍ୟ।
ଭୋଜପୁରୀ ଗୋପୀ ଛତିଶ'ଡି
ଯାତ୍ରୀ ଜୀବନ ଯାଏରେ ଗଡି।

ଏତେ ରଙ୍ଗ ଏତେ ଫୁଲ ସବୁ
ଦେଇଛ ସଜେଇ ଆହେ ପ୍ରଭୁ।
ଭାବକୁ ନିକଟ ଶବ୍ଦଠୁ ଦୂର
ଭାଷାରେ ଭରା ଗୁଣ ତୁମର।

ଯାହା ବି ହେଉ ଭାଷା ସୁନ୍ଦର
ମୋ ପାଇଁ ମୋର ମାଆ ରାଧିକା
ଭାବ ଦିଆନିଆ ଆତ୍ମା ଡକା
କିଏ ଆଉ ହେବ କି ଅଧିକା !

*ତପୋବନ, ଟିଟିଲାଗଡ଼, ବଲାଙ୍ଗିର*

## ମାଟି



**ସୁଧାଂଶୁ ଶେଖର ଦ୍ୱିବେଦୀ**

**ଗ**ନ୍ଧ ଯେଉଁଠି ନାହିଁ
ସେ କି ମାଟି !
ମାଟି ପାଇଁ ତ ଜିଇଁଛି ଭୂପୃଷ୍ଠ
ଗଛଲତା, ପଶୁପକ୍ଷୀ ଓ ମନୁଷ୍ୟ।
ମାଟିରେ ନିର୍ମିତ ପ୍ରାସାଦ
ମନ୍ଦିର-ମସ୍‌ଜିଦ୍,
ଚର୍ଚ୍ଚ ଓ ଗୁରୁଦ୍ୱାର।
ମଣିଷର ଆରୋଗ୍ୟରେ
ମାଟି ବି ହୁଏ ଔଷଧ।



ମାଟିର ବାସ୍ନା
ମୋହିନିଏ ଅର୍ନ୍ତମନର ଆଘ୍ରାଣକୁ,
କେବେ ଦିନେ ବାଳକୃଷ୍ଣ ମାଟିଖାଇ
ସାରା ବ୍ରହ୍ମାଣ୍ଡ ଦେଖେଇଲେ
ମା' ଯଶୋଦାଙ୍କୁ।
ପୁଣି କେବେ
ମାଟି ପାଇଁ ଲୋକେ ହଣାକଟା
କୋର୍ଟ-କଚୋରୀର ଦ୍ୱାରସ୍ଥ
ଏଇ ମାଟିରେ ବି ଗଢ଼ାହୁଏ ଦେବତା
ଜଗତରନାଥ ଜଗନ୍ନାଥ,
ଜଗତ ଜନନୀ ମା' ଦୁର୍ଗା ଓ ମାଟିର ମଣିଷ।

*ବିସି-୭୪, ସେକ୍ଟର-୧*
*ସଲ୍ଟ ଲେକ, କୋଲକାତା-୬୪*
*ଦୂରଭାଷ : ୯୬୮୧୩୭୩୫୧୨*

## ଘାସଫୁଲର କବିତା



**ଶୁଭସ୍ମିତା ତ୍ରିପାଠୀ**

**ନୈ**ବେଦ୍ୟର ଧୂପ କୁଣ୍ଡଳିନୀରୁ
ଖୋଜିପାରିଲିନି ତମକୁ ବୋଲି
ଆକାଶର ମେଘ ଖଣ୍ଡଟିଏ ହେଲି

ତୁମ କଳିମାର କଜ୍ଜ୍ୱଳ ଧାରେ
ଅଙ୍କିତ କଲି ଆଖି
ପୋତି ହେଲି ସାତତାଳ ପଙ୍କେ,



ସରିଯିବାର କଥାଟିଏ କହୁଥିଲି ବୋଲି
ଅସରନ୍ତି କବିତାଟିଏ ହେଲି
କାଳିମାର ଉତ୍ତରୀୟ ତଳେ,

ଧୂସରିତ, ଧୂମ୍ରାଭ କଲି ଓଠ -
ତୁମ ରକ୍ତିମ ଜବା ଅଧରୁ
ସ୍ୱରଟିଏ ଥରେ ମାତ୍ର ଶୁରିନେବି ବୋଲି



ପୋତି ହେବା ପଙ୍କ ତଳୁ
ପଦ୍ମଟିଏ ହୋଇ ତମ ପାଇଁ କିନ୍ତୁ
ଫୁଟି ପାରିଲିନି ବୋଲି
ତୁମ ଚଲାବାଟେ ଘାସଫୁଲଟେ ହୋଇ
ଫୁଟି ଯିବାକୁ ଚାହିଁଥିଲି
ଜାଣିଥିଲି,
ତମେ କେଉଁ ଯୁଗେ ଚାଲିଯିବନାହିଁ
ମୋ ଚଲାପଥେ

ତଥାପି,
କେବେନା କେବେ ତ
ଉଡଳା ପବନରେ ଆସୁଥିବ ତମରି ବାସ୍ନା
ଛୁଇଁବାକୁ ଘାସଫୁଲର ଆତ୍ମା... !

*ଲକ୍ଷ୍ମୀନୃସିଂହ ସାହି,*
*ପୋ-ପାଣିଗ୍ରାହୀପେଣ୍ଠ, ବ୍ରହ୍ମପୁର, ଗଞ୍ଜାମ*
*ଦୂରଭାଷ : ୮୨୪୯୮୦୧୮୫୪*








**ପାବନି ପଟେଲ**
ଷ୍ଟାଣ୍ଡାର୍ଡ-୮
ବିମଳା କନଭେଣ୍ଟ ସ୍କୁଲ
ଭବାନୀପାଟଣା



# ‘ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ’



**ଭୁବନେଶ୍ୱର, (ପିଆଇବି):** କେନ୍ଦ୍ରାପଡା ଡିଆରଡିଏ ସମ୍ମିଳନୀ କକ୍ଷଠାରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ତରଫରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାକୁ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ସହଯୋଗ ଓ ସୁସମ୍ପର୍କ ଯୋଜନା ପ୍ରଣୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ରାଉତ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଶୈଳେଶ କୁମାର ମାଲବ୍ୟ ସଭାପତିତ୍ୱ କରିଥିଲେ। ସରକାରଙ୍କର ଜନକଲ୍ୟାଣକାରୀ ଯୋଜନାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମାଲବ୍ୟ ମତ ରଖିଥିଲେ। ସେ କହିଥିଲେ ଯେ ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ଗଣମାଧ୍ୟମର ପ୍ରତିନିଧିମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଇବାରେ ଉଲ୍ଲେଖନୀୟ ଅବଦାନ ଦେଇଥାନ୍ତି। ବିଭିନ୍ନ ଯୋଜନାର ସୁଫଳ କିପରି ଲୋକମାନେ ପାଇବେ ସେ ସମ୍ପର୍କରେ ସେମାନଙ୍କର ଲେଖା ଓ ରିପୋର୍ଟ ଯଥେଷ୍ଟ ସହାୟକ ହୋଇଥାଏ। ଏପରିକି କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ମଧ୍ୟ ସେମାନେ ଲେକଲୋଚନକୁ ଆଣି ପ୍ରଶାସନକୁ ସଜାଗ ଓ ପାରଦର୍ଶୀ କରାଇଥାନ୍ତି। ଲୋକତାନ୍ତ୍ରିକ ବ୍ୟବସ୍ଥାକୁ ଗ୍ରାମୀଣ ସାମ୍ବାଦିକମାନେ ସମୃଦ୍ଧ କରିଥାନ୍ତି ବୋଲି ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ମାଲବ୍ୟ କହିଥିଲେ। ଜନ ସଚେତନତା ସୃଷ୍ଟି କରିବାରେ ସୋସିଆଲ ମିଡିଆ ଓ ପ୍ରଯୁକ୍ତିର ବ୍ୟବହାର ତଥା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମ୍ବାଦିକ କଲ୍ୟାଣ ଯୋଜନା ସମ୍ପର୍କରେ ମଧ ଶ୍ରୀ ମାଲବ୍ୟ ଚର୍ଚ୍ଚା କରିଥିଲେ। ଏହି କର୍ମଶାଳାରେ ଜିଲ୍ଲା ଜଳ ଓ ପରିମଳ ବିଭାଗ ଏସଡିଓ ବିଜୟ କୁମାର କର ସ୍ୱଚ୍ଛ ଭାରତ ଅଭିଯାନ (ଗ୍ରାମୀଣ), ଜିଲ୍ଲା କୃଷି ଅଧିକାରୀ ମନୋଜ କୁମାର ମହାନ୍ତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୃତିକା ସ୍ୱାସ୍ଥ୍ୟକାର୍ଡ, ନିମଯୁକ୍ତ ୟୁରିଆ ଯୋଗାଣ, ପିଏମ କିଷାନ ଯୋଜନା, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୀଷ କୁମାର ରାଉଳ ସ୍କିଲ ଇଣ୍ଡିଆ ଓ ପ୍ରଧାନମନ୍ତ୍ରୀ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଏବଂ ସତ୍ୟଭାମା ପ୍ରଧାନ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଓ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ ଗଣଯୋଗାଯୋଗ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାକୁ ପରିଚାଳନା କରିଥିଲେ। ଶ୍ରୀ ଚୌଧୁରୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀ ଓ ବାର୍ତାଳାପର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା : ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଡିଜିଟାଲ ଇଣ୍ଡିଆ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଉଜ୍ଜ୍ୱଳା ଯୋଜନା ଯୋଜନା ଆଦି ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡାର ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଦିନିକିଆ କର୍ମଶାଳାରେ କେନ୍ଦ୍ରାପଡାର ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ନିଜ ମତାମତ ରଖିଥିଲେ। ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ମଧ୍ୟରେ ମତବିନିମୟ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ‘କିମ୍ବଦନ୍ତୀ ପୁରୁଷ ...

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ଭାରତୀୟ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଚେହେରା ଭାବେ ଜଣାଶୁଣା। ସେ ଜଣେ ସଚ୍ଚା ଜାତୀୟତାବାଦୀ ନେତା ଭାବେ କାର୍ଯ୍ୟ କରିଥିବା ବେଳେ ତାଙ୍କ କାର୍ଯ୍ୟ ଶୈଳୀ ସମସ୍ତଙ୍କୁ ଛୁଇଁଥିଲା। ସେହିପରି ଡେୟାର ଡେଭିଲ ବହି ଉନ୍ମୋଚନ ପାଇଁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହିତ ଏହି ବହି ବିଜୁ ବାବୁଙ୍କ ସେବା ମନୋଭାବକୁ ପିଲାଙ୍କ ପାଖରେ ପହଞ୍ଚାଇବାରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି କଂଗ୍ରେସ ନେତା ନରସିଂହ ମିଶ୍ର କହିଥିଲେ ଯେ ବର୍ତ୍ତମାନ ରାଜନୀତିରେ ସହିଷ୍ଣୁତା ଶବ୍ଦ ହଜିବାକୁ ଲାଗିଲାଣି। ମାତ୍ର ବିଜୁ ବାବୁଙ୍କୁ କୌଣସି ଲୋକ ବିରୋଧାଚରଣ କଲେ ମଧ୍ୟ ସେ ଶତ୍ରୁତା ଆଚରଣ ନକରି ସେ କଥା ବୁଝୁଥିଲେ। ବିଜୁ ବାବୁଙ୍କ ଦୁଃସାହସିକ ଜୀବନ କାହାଣୀକୁ ନେଇ ଏହି ନୂଆ ପୁସ୍ତକ "ଆଡ୍‌ଭେଞ୍ଚର୍ସ ଅଫ୍ ଦି ଡେୟାରଡେଭିଲ୍ ଡେମୋକ୍ରାଟ୍" ରଚନା କରାଯାଇଛି। ନୂଆ ଦିଲ୍ଲୀର ଏକ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା, କ୍ରିଏଟିଭ୍ ୱେରହାଉସ୍ ଦ୍ୱାରା ଏହି ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ ପ୍ରଭାଶଙ୍କରଙ୍କ ଦ୍ୱାରା ଏହା ପ୍ରସ୍ତୁତ ହୋଇଛି। ତେବେ ପୁସ୍ତକରେ ପିଲାମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଚିତ୍ରକଥା ଶୈଳୀରେ ବିଜୁବାବୁଙ୍କ ଦୁଃସାହସିକ କାହାଣୀମାନ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଜୁବାବୁଙ୍କ ବର୍ମା ଅଭିଯାନ ଓ ରୁଷ୍‌ରେ ନାଜି ସେନାଙ୍କ ଦ୍ୱାରା ଘେରାବନ୍ଦୀ ହୋଇଥିବା ଲାଲ୍‌ବାହିନୀକୁ ଅସ୍ତ୍ର ଯୋଗାଇବା ଘଟଣା ସହିତ ୧୯୪୭ ମସିହାରେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁଲତାନ୍ ସାରିଅରଙ୍କୁ ଡଚ୍ ସେନାଙ୍କ କବଳରୁ ଉଦ୍ଧାର କରିବା ଘଟଣା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ତାଙ୍କର ଏହି ଦୁର୍ଦ୍ଧର୍ଷ କାହାଣୀ ପାଇଁ ତାଙ୍କୁ ରୁଷ୍ ପକ୍ଷରୁ ସମ୍ମାନଜନକ ଜୁବିଲି ମେଡାଲ୍ ପ୍ରଦାନ କରାଯାଇଥିବା ବେଳେ ଇଣ୍ଡୋନେସିଆ ସରକାରଙ୍କ ପକ୍ଷରୁ ଭୂମିପୁତ୍ର ସମ୍ମାନ ପ୍ରଦାନ କରାଯାଇଥିବା ଘଟଣା ଏଥିରେ ସ୍ଥାନିତ ହୋଇଛି। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଭବାନୀ ଚରଣ ପଟ୍ଟନାୟକ ଓ ବିମଳ ଦାସଙ୍କ ସମେତ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟାନ୍ୟ ରାଜନେତାମାନେ ଉପସ୍ଥିତ ଥିଲେ।

### ସବୁଠି ସନ୍ଦେହ ...

ରାଜରାସ୍ତାରେ ଜୋରଦାର ଆନ୍ଦୋଳନ କରାଯିବ। ସେହିପରି ବିଜେପି ବିଧାୟକ କେ ନାରାୟଣ ରାଓ କହିଥିଲେ, କେନ୍ଦ୍ର ସରକାର ଜାତୀୟକରଣ ବ୍ୟାଙ୍କରେ ଟଙ୍କା ରଖିବାକୁ ସବୁବେଳେ କହୁଛନ୍ତି। କିନ୍ତୁ ରାଜ୍ୟ ସରକାର ଏତେ ପରମାଣର ଟଙ୍କା ଘରୋଇ ବ୍ୟାଙ୍କରେ କାହିଁକି ରଖିଥିଲେ ? ଦେଶର ଚତୁର୍ଥ ବୃହତ୍ତମ ୟେସ୍ ବ୍ୟାଙ୍କ ସର୍ବାଧିକ ଋଣ ପ୍ରଦାନ କ୍ଷେତ୍ରରେ ପଞ୍ଚମ ବ୍ୟାଙ୍କ। ବ୍ୟାଙ୍କ ଦେଇଥିବା ୧୭ହଜାର ୧୩୪କୋଟି ଟଙ୍କାର ଋଣକୁ ବ୍ୟାଡ୍ ଲୋନ୍ ରୂପେ ବିବେଚନା କରାଯାଉଛି। ଏଭଳି ସଙ୍କଟ ଯୋଗୁଁ ସେୟାର ବଜାରରେ ବ୍ୟାଙ୍କର ଅଂଶଧନର ମୂଲ୍ୟ ୫୦ପ୍ରତିଶତ ହ୍ରାସ ପାଇଛି। ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହି ବ୍ୟାଙ୍କକୁ ସୁପରସିଡ୍ କରାଯିବା ସହ ବ୍ୟାଙ୍କର କାରବାର ଉପରେ ସତର୍କ ନଜର ରଖିଛି ଆର୍‌ବିଆଇ। ଜମାକାରୀଙ୍କ ପାଇଁ ସର୍ବାଧିକ ଟଙ୍କା ଉଠାଣ ପରିମାଣର ସୀମା ଧାର୍ଯ୍ୟ କରାଯାଇଛି ୫୦ହଜାର ଟଙ୍କା। ବ୍ୟାଙ୍କର ଏଭଳି ଦୁଃସ୍ଥିତି ଯୋଗୁଁ ଟଙ୍କା ଉଠାଇ ନେବା ପାଇଁ ଦେଶବ୍ୟାପୀ ଉକ୍ତ ବ୍ୟାଙ୍କର ଶାଖାମାନଙ୍କ ଆଗରେ ଲାଗିଛି ଗ୍ରାହକଙ୍କ ଲମ୍ବାଧାଡି କିନ୍ତୁ ଟଙ୍କା ମିଳୁନାହିଁ। ଶୂନ୍ୟ ପଡିଛି ଏଟିଏମ୍। ଏଭଳି ସଙ୍କଟ ଯୋଗୁଁ ବ୍ୟାଙ୍କରେ ଜମା ଥିବା ଶ୍ରୀମନ୍ଦିରର ୫୪୫ କୋଟି ଟଙ୍କା ବୁଡିଯିବାର ଆଶଙ୍କା ସୃଷ୍ଟି ହୋଇଥିବାରୁ ସେବାୟତ, ପୁରୀ ସହରବାସୀ ଓ ଜଗନ୍ନାଥ ଭକ୍ତ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଓ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଜମାକାରୀଙ୍କ ଅର୍ଥ ସୁରକ୍ଷିତ ବୋଲି ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବହୁ ବଡ ବଡ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଥିବାବେଳେ ୟେସ ବ୍ୟାଙ୍କ ଭଳି ଏକ ଘରୋଇ ବ୍ୟାଙ୍କରେ ଶ୍ରୀମନ୍ଦିରର ଏତେ ପରିମାଣର ଅର୍ଥ ଜମା ରଖାଯିବାର ଯଥାର୍ଥତା ନେଇ ବହୁ ପୂର୍ବରୁ ପ୍ରଶ୍ନ ଉଠିବା ସହ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମଧ୍ୟ ଏହି ପ୍ରସଙ୍ଗ ଉତ୍‌ଥାପିତ ହୋଇଥିଲା। ୨୦୧୯ ମସିହା ଡିସେମ୍ବର ୨୦ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଜମା ଅର୍ଥର ନିରାପତ୍ତା ନେଇ ଆଶଙ୍କା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ସମସ୍ତ ସ୍ଥାୟୀ ଜମା ଉଠାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ଜାନୁଆରୀ ୧୩ତାରିଖରେ ୟେସ ବ୍ୟାଙ୍କକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତରେ ଜଣାଇ ଦିଆଯାଇଥିଲା। ପ୍ରାପ୍ତ ତଥ୍ୟ ଅନୁଯାୟୀ ୟେସ୍ ବ୍ୟାଙ୍କରେ ଶ୍ରୀମନ୍ଦିର ପ୍ରଶାସନର ମୋଟ ୫୯୨କୋଟି ଟଙ୍କା ବିଭିନ୍ନ ଦଫାରେ ଜମା କରାଯାଇଥିଲା। ଓଡିଶା ସରକାରଙ୍କ ଅର୍ଥ ବିଭାଗର ପତ୍ର ସଂଖ୍ୟା ୩୨୬୪୮ ତା୧୦/୧୦/୨୦୧୮ ଏବଂ ୨୪୭୦୫ ତା ୨୦/୭/୨୦୧୯ ଅନୁଯାୟୀ ଏହି ଅର୍ଥ ଜମା ହୋଇଥିଲା। ସ୍ଥାୟୀ ଜମାରେ ୫୪୫ କୋଟି ଟଙ୍କା ଓ ଫ୍ଲେକ୍ସି ଫିକ୍ସ ଆକାଉଣ୍ଟରେ ୪୭କୋଟି ଟଙ୍କା ବିନିଯୋଗ କରାଯାଇଥିଲା। ଏଥିମଧ୍ୟରେ ଶ୍ରୀଜଗନ୍ନାଥ ଟେମ୍ପୁଲ ଫଣ୍ଡର ୨୪୪ କୋଟି ୬୦ଲକ୍ଷ ଟଙ୍କା, ଶ୍ରୀଜଗନ୍ନାଥ ଟେମ୍ପୁଲ କର୍ପସ ଫଣ୍ଡର ୨୫୫କୋଟି ୬୬ଲକ୍ଷ ଟଙ୍କା ଓ ଶ୍ରୀଜଗନ୍ନାଥ ଫାଉଣ୍ଡେସନ୍ ଫଣ୍ଡର ୯୧କୋଟି ୭୪ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ। ୨୦୧୯ ମସିହା ମାର୍ଚ୍ଚ ୧୯ତାରିଖରେ ୩୭୧ କୋଟି, ମାର୍ଚ୍ଚ ୨୫ତାରିଖରେ ୩୩କୋଟି, ୨୯ ତାରିଖରେ ୧୨୩କୋଟି ଓ ୧୦କୋଟି, ମାର୍ଚ୍ଚ ୩୦ତାରିଖରେ ୧୮କୋଟି ଓ ୩୭କୋଟି ଟଙ୍କା ଜମା କରାଯାଇଥିଲା। ପ୍ରଥମ ଦଫାରେ ଜମା ହୋଇଥିବା ଅର୍ଥ ପାଇଁ ସୁଧର ହାର ଥିଲା ୮.୬୧ ପ୍ରତିଶତ। ଦ୍ୱିତୀୟ ଦଫାରେ ଜମା ହୋଇଥିବା ଅର୍ଥ ଉପରେ ୮.୫୬, ତୃତୀୟ ଦଫାରେ ଜମା ହୋଇଥିବା ଅର୍ଥ ଉପରେ ୮.୪୫, ଚତୁର୍ଥ ଦଫାରେ ଜମା ହୋଇଥିବା ଅର୍ଥ ଉପରେ ୮.୩୫, ପଞ୍ଚମ ଦଫାରେ ଜମା ହୋଇଥିବା ଅର୍ଥ ଉପରେ ୭.୪୦ ଓ ଷଷ୍ଠ ଦଫାରେ ଜମା ହୋଇଥିବା ଅର୍ଥ ଉପରେ ୭.୬୦ ହାରରେ ସୁଧ ମିଳିବାକୁ ଥିଲା। ପରବର୍ତ୍ତୀ ସମୟରେ ଏହି ଅର୍ଥ ମଧ୍ୟରୁ ୪୭କୋଟି ଟଙ୍କା ଉଠାଇ ଅଣାଯାଇଛି। ଚଳିତବର୍ଷ ଜାନୁଆରୀ ୧୩ତାରିଖରେ ୟେସ୍ ବ୍ୟାଙ୍କରେ ଗଚ୍ଛିତ ଥିବା ଆହରଣ ଯୋଗ୍ୟ ୪୭କୋଟି ଟଙ୍କା ପୁରୀ ୟୁକୋ ବ୍ୟାଙ୍କ ମୁଖ୍ୟ ଶାଖାରେ ଗଚ୍ଛିତ ହୋଇସାରିଲାଣି। ତେବେ ବ୍ୟାଙ୍କର ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ଜମା ଅର୍ଥର ନିରାପତ୍ତା ନେଇ ସେବାୟତମାନେ ସଂଶୟ ପ୍ରକାଶ କରିଛନ୍ତି। କାହା ସ୍ୱାର୍ଥରେ ଶ୍ରୀମନ୍ଦିର ପ୍ରଶାସନର ଜଣେ ବିତ୍ତ ଅଧିକାରୀ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଥାଉ ଥାଉ ସେମାନଙ୍କ ପରାମର୍ଶ ନିଆନଯାଇ ଏକ ଘରୋଇ ବ୍ୟାଙ୍କରେ ଶହଶହ କୋଟି ଟଙ୍କା ଜମା କରାଗଲା ସେଥିନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଯଦି ବ୍ୟାଙ୍କ ଦେବାଳିଆ ହୋଇଯାଏ ଏବଂ ମହାପ୍ରଭୁଙ୍କ ଟଙ୍କା ବୁଡିଯାଏ ତେବେ ସେଥିପାଇଁ କିଏ ଦାୟୀ ହେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘରୋଇ ବ୍ୟାଙ୍କରେ ଏତେ ପରିମାଣର ଅର୍ଥ ଜମା କରାଯିବା ପଛରେ କିକ୍ ବ୍ୟାକ୍ ହୋଇଥିବା ସନ୍ଦେହ କରାଯାଉଛି।

### ଡବ୍ଲ୍ୟୁଏଚ୍‌ଓର ...

ମୁକାବିଲା ଓ ପରିଚାଳନା ଦିଗରେ ନିଆଯାଇଥିବା ପଦକ୍ଷେପ ଏବଂ ପ୍ରସ୍ତୁତି ସମୀକ୍ଷା କରିଥିଲେ। ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ଏହି ସମୀକ୍ଷାରେ ବିଭିନ୍ନ କେନ୍ଦ୍ର ମନ୍ତ୍ରଣାଳୟର ପ୍ରତିନିଧି, ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଏ ସଂକ୍ରାନ୍ତ ସମସ୍ତ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରରେ କୋରୋନା ଭୂତାଣୁ ମୁକାବିଲା ଦିଗରେ ନିଆଯାଇଥିବା ଦୃଢ଼ ପଦକ୍ଷେପ ଏବଂ ପ୍ରୟାସକୁ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ। ଏହି ସମୀକ୍ଷା ବୈଠକରେ ବୈଦେଶିକ ବ୍ୟାପାର, ଜାହାଜ ଚଳାଚଳ, ପର୍ଯ୍ୟଟନ ମନ୍ତ୍ରଣାଳୟ ଓ ଇମିଗ୍ରେସନ ବ୍ୟୁରୋର ପ୍ରତିନିଧିମାନେ ମଧ ଅଂଶଗ୍ରହଣ କରିଥିଲେ। ଯାତ୍ରା ଓ ଜନସମାବେଶକୁ ନେଇ ଜାରି ହୋଇଥିବା ମାର୍ଗଦର୍ଶିକ ଏହି ବୈଠକରେ ସମୀକ୍ଷା କରାଯାଇଥିଲା ଏବଂ ଏ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ଅବଗତ କରାଯାଇଥିଲା। ସମସ୍ତ ବିମାନ ବନ୍ଦରରେ ପ୍ରତ୍ୟେକ ଯାତ୍ରୀଙ୍କୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଭାବୀ ଯାଞ୍ଚ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିମାନବନ୍ଦର ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ବିମାନ ବନ୍ଦର ପରିଚାଳକଙ୍କ ସହିତ ସମନ୍ୱୟ ରକ୍ଷା କରିବା ଲାଗି ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଶଯ୍ୟା, ପୃଥକ ୱାର୍ଡ ଉପଲବ୍ଧତା ତଥା ଅଧିକ ନମୁନା ପରୀକ୍ଷା ଲାଗି ପରୀକ୍ଷାଗାର ସୁବିଧାର ସମୀକ୍ଷା କରିଥିଲେ। କର୍ତବ୍ୟ ସମ୍ପାଦନ ସମୟରେ ଆମର ସ୍ୱାସ୍ଥ୍ୟକର୍ମୀମାନେ ଯେପରି ସଂକ୍ରମଣଠାରୁ ଭଲ ଭାବେ ସୁରକ୍ଷିତ ରହିବେ ତାହା ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡ. ହର୍ଷ ବର୍ଦ୍ଧନ ଏହି ଅବସରରେ ସୂଚନା ଦେଇଥିଲେ ଯେ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ସଂକ୍ରାନ୍ତରେ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଏପରି ତାଲିମ କର୍ମଶାଳା ଆୟୋଜନ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏପରି ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ କେତେକ ରାଜ୍ୟ ସୂଚନା ଦେଇଥିଲେ। ସମସ୍ତ ଗଣମାଧ୍ୟମ ମଞ୍ଚ ଓ ସଞ୍ଚାର ପଦ୍ଧତି ଉପଯୋଗ କରି ମୌଳିକ ଜନ ସ୍ୱାସ୍ଥ୍ୟ ପଦକ୍ଷେପ ଯେପରିକି, ହାତ ଧୋଇବା, ଅକାରଣ ଯାତ୍ରା ଏଡ଼ାଇବା, ଜ୍ୱର, କଫ କିମ୍ବା ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେଲେ ସତର୍କ ରହିବା, ଟେବୁଲ, କମ୍ପ୍ୟୁଟର, ମୋବାଇଲ ସ୍କ୍ରିନ ଆଦି ସହଜରେ ସଂକ୍ରମିତ ହେଉଥିବା ସ୍ଥାନରେ ସ୍ୱଚ୍ଛତା ରକ୍ଷା କରିବା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା। ସ୍ଥଳସୀମା ଏବଂ ବନ୍ଦରଗୁଡ଼ିକରେ କଡ଼ା ଯାଞ୍ଚ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ମଧ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା। ନିର୍ବାଚିତ ଜନପ୍ରତିନିଧି, ବିଧାୟକ, କର୍ପୋରେଟର, ମେୟର, ଜିଲ୍ଲାପାଳ ଓ ସାଂସଦମାନଙ୍କୁ ସାମିଲ କରି ସେମାନଙ୍କୁ ନୋଭେଲ କୋରୋନା ଭୂତାଣୁ ଏବଂ ମୌଳିକ ଜନସ୍ୱାସ୍ଥ୍ୟ ପଦକ୍ଷେପ ସମ୍ପର୍କରେ ସଚେତନ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ବୈଠକ ଶେଷରେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଡିଜିଏଚଏସର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

### ଚଞ୍ଚକତା କରି ...

ଭୁକ୍ତ ସମ୍ପତ୍ତି ରହିଥିଲା। ସମ୍ପତ୍ତିର ଖଜଣା ମଧ୍ୟ ମାହାଲ ମହାନ୍ତ ଦେଇ ଆସୁଥିଲେ। ଉକ୍ତ ସମ୍ପତ୍ତିକୁ ମାହାଲ ମହାନ୍ତ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କ ଅଗୋଚରରେ କୌଣସି ବ୍ୟକ୍ତି ମାହାଲ ମହାନ୍ତ ସାଜି ତାଙ୍କର ଟିପ ଚିହ୍ନ ଦେଇ ୨୦୧୯ ଡ଼ିସେମ୍ବର ୩୧ରେ ଡକ୍ୟୁମେଣ୍ଟ ନଂ ୧୧୩୨୧୯୦୦୪୭୨ ମୂଳେନୟାଗଡ଼ ଜିଲ୍ଲା ନୀଳକଣ୍ଠେଶ୍ୱରପୁର ଅଞ୍ଚଳ ବେଗୁନିଆ ଗ୍ରାମର ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପୁତ୍ର ବିଧାନଚନ୍ଦ୍ର ପ୍ରଧାନଙ୍କୁ ୨ଲକ୍ଷ ୨୮ ହଜାର ୨ଶହ ଟଙ୍କାରେ ଦଲିଲ କରାଇ ଦେଇଛନ୍ତି। ଉକ୍ତ ଦଲିଲରେ ମାହାଲ ମହାନ୍ତଙ୍କ ନାମ ରହିଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଫଟୋ ଲଗାଯାଇଛି। ସେହିପରି ମାହାଲ ମହାନ୍ତଙ୍କ ପୁଅ ଈଶ୍ୱର ଚନ୍ଦ୍ର ମହାନ୍ତଙ୍କ ନାମରେ କେହି ଜଣେ ସାକ୍ଷୀ ଭାବେ ସ୍ୱାକ୍ଷର କରିଥିବା ସମୟରେ ସଞ୍ଜୟ ଜେନା ନାମରେ ଅନ୍ୟ ଜଣେ ସାକ୍ଷୀ ପଡ଼ିଛନ୍ତି। ପୁଣି ମାହାଲ ମହାନ୍ତଙ୍କ ଜମି ମୋରଡ଼ା ତହସିଲ ଓ ମୋରଡ଼ା ଥାନା ଅଧୀନ ନଂ ୯୫ ପୂର୍ଣ୍ଣଚନ୍ଦ୍ରପୁର-୨ ରାଜସ୍ୱ ମୌଜାରେ ହୋଇଥିବା ବେଳେ ଦଲିଲରେ ବେତନଟୀ ଥାନା ଅଧୀନରେ ଥିବାର ଉଲ୍ଲେଖ କରାଯାଇଛି। ଏଥି ସହିତ ଉକ୍ତ ଦଲିଲର ଲେଖକ ମହେନ୍ଦ୍ର ବେହେରା ଆଡ଼ଭୋକେଟ କଟକ(ନଂ୧୯୬୧/୬୨) ବୋଲି ଦର୍ଶାଯାଇଛି। ଏହି ଚଞ୍ଚକତା ପୂର୍ବକ ଜମି ବିକ୍ରି ଘଟଣା ମୋରଡ଼ା ତହସିଲ ଅଧୀନରେ ଥିବା ଗଡ଼ିଗାଁ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଦାଖଲଖାରଜ ମୋକର୍ଦ୍ଦମା ନଂ ୩୩/୨୦୨୦ ପକ୍ଷ ନୋଟିସ ନଂ ୪୦୯୩ ମାହାଲ ମହାନ୍ତଙ୍କ ନିକଟକୁ ଆସିବା ପରେ ଜଣାପଡ଼ିଥିଲା। ଏହି ଚଞ୍ଚକତା କରାଯାଇ ରାସଗୋବିନ୍ଦପୁର ସବରେଜିଷ୍ଟରଙ୍କ କୋର୍ଟରେ ଜମି ବିକ୍ରି ଘଟଣାରେ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀମାନଙ୍କ ହାତ ଥିବାର ଅଭିଯୋଗ କରିଛନ୍ତି ମାହାଲ ମହାନ୍ତଙ୍କ ପୁଅ ଈଶ୍ୱର ଚନ୍ଦ୍ର ମହାନ୍ତ। ଏଥି ସହିତ ନ୍ୟାୟ ପାଇବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ଲିଖିତ ଅଭିଯୋଗ ବାଢ଼ିବା ପରେ ଜିଲ୍ଲାପାଳ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାରଙ୍କୁ ତଦନ୍ତ ଭାର ପ୍ରଦାନ କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ନ୍ୟାୟ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିବାର ଜଣାପଡ଼ିଛି। ପ୍ରକାଶ ଥାଉକି, ମାହାଲ ମହାନ୍ତ ଏବଂ ତାଙ୍କ ପରିବାର ପକ୍ଷରୁ ଏହି ଘଟଣାକୁ ନେଇ ରାସଗୋବିନ୍ଦପୁର ତହସିଲ ଓ ଥାନାରେ ଅଭିଯୋଗ କରାଯାଇଥିଲା। ଥାନାରେ ଆଇପିସି ଧାରା ୪୨୦, ୪୬୮, ୪୭୧, ୩୪ ଅନୁସାରେ ଗତ ଫେବୃଆରୀ ୫ରେ କେଶ ନଂ ୧୬/୨୦୨୦ରେ ଏକ ମାମଲା ରୁଜୁ ହୋଇଥିଲା। ମାତ୍ର ଥାନାରେ ମାମଲା ଫାଇଲରେ ବନ୍ଧା ହୋଇ ରହିଯାଇଥିବାରୁ ଆଜି ମାହାଲ ମହାନ୍ତଙ୍କ ପୁଅ ଈଶ୍ୱର ଚନ୍ଦ୍ର ମହାନ୍ତ, ଭାଇ ବୋହୂ କଲ୍ୟାଣୀ ମହାନ୍ତ ଜିଲ୍ଲାପାଳଙ୍କ ସମ୍ମୁଖରେ ସମସ୍ତ ଦସ୍ତାବିଜ ଉପସ୍ଥାପନ କରିଥିଲେ।

### ୨୦ଲକ୍ଷ ...

ସେ କହିଲେ ଯେ ଯେଉଁମାନଙ୍କୁ ପ୍ରଥମିକତା ଭିତ୍ତିରେ ପ୍ରମାଣ ପତ୍ର ବଣ୍ଟନ କରାଯାଉଛି ସେମାନେ ଠିକ୍ ସମୟରେ ଘର ତିଆରି କାମ ସାରିବେ ଏବଂ ରାଜ୍ୟର ସବୁ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କୁ ସହଯୋଗ କରିବେ ବୋଲି ମୁଁ ଆଶା କରୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ଫାଇଭ-ଟି ପ୍ରୟାସ ଅନ୍ତର୍ଗତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅନ-ଲାଇନ୍ କେଶ୍ ରେକର୍ଡ ପରିଚାଳନା ଏବଂ ଆମ ଘର ମୋବଇଲ ଆପ୍‌କୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ଅନ-ଲାଇନ୍ କେଶ୍ ରେକର୍ଡ ପରିଚାଳନା ମାଧ୍ୟମରେ ହିତାଧିକାରୀମାନେ ବ୍ୟକ୍ତିଗତ ଭାବେ ଗ୍ରାମୀଣ ବାସଗୃହ ଯୋଗାଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇପାରିବେ। ସେହିପରି ‘ଆମ ଘର’ ମୋବାଇଲ ଆପ୍ ମାଧ୍ୟମରେ ଗୃହ ନିର୍ମାଣ ନିମନ୍ତେ ଥିବା ବିଭିନ୍ନ କିସ୍ତି ଗୁଡ଼ିକର ପ୍ରକ୍ରିୟା ଏବଂ ଫଟୋ ଅପଲୋଡ୍ କରାଯାଇପାରିବ। ଏହି ଉତ୍ସବ ପାଳନ ଅବସରରେ ଗ୍ରାମୀଣ ବାସଗୃହ ଯୋଜନାରେ ଉପକୃତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ୨୧ଟି ଅନନ୍ୟ ସଫଳ କାହାଣୀକୁ ନେଇ ସଂକଳନ ହୋଇଥିବା ‘ଏ କଫି ଟେବୁଲ ବୁକ୍’କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନା କରିଥିଲେ। ସମାରୋହରେ ଯୋଗ ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଥିଲେ। ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ସମନ୍ୱୟ ରକ୍ଷା କରି ଉତ୍ତମ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମଧ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାର ୪ଟି ବିଭାଗ ଯଥା ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ଅଧିନରେ ଥିବା ସରକାରୀ, ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡି କେନ୍ଦ୍ରର ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଏଣିକି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଦ୍ୱାରା କରାଯିବ। ଏଥିନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ଯୋଜାନ ଓ ସଂଯୋଜନା ବିଭାଗର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂହ କହିଲେ ଯେ ବିଭାଗ ସ୍ୱଚ୍ଛତା ଓ ବୈଷୟିକ ଜ୍ଞାନ କୌଶଳକୁ ଆପଣେଇ ଲୋକଙ୍କ ପାଖରେ ସମସ୍ତ ସରକାରୀ ସେବା ଓ ସୁବିଧା ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି।

## ଭବାନୀପାଟଣା ସ୍ଥାୟୀ ଅଦାଲତଙ୍କ ଐତିହାସିକ ରାୟ

# ମାସେ ଭିତରେ ପଟ୍ଟା ଦିଅ, ନଚେତ୍ ଜରିମାନା ଦିଅ

**ଭବାନୀପାଟଣା:** ଭବାନୀପାଟଣା ସ୍ଥାୟୀ ଲୋକ ଅଦାଲତଙ୍କ ଐତିହାସିକ ରାୟ ସରକାରଙ୍କ ବିପକ୍ଷରେ ନିଶ୍ଚିତ ଏକ ଆଲୋଚନାର ବିଷୟ, ବହୁବାର ବିଭିନ୍ନ ଖବର କାଗଜରେ କଳାହାଣ୍ଡି ତହସିଲର ଅବ୍ୟବସ୍ଥା ଲୋକ ଲୋଚନରେ ପ୍ରକାଶିତ କରାଯାଇଥିଲେ ମଧ୍ୟ କାର୍ଯ୍ୟଶୈଳୀର କୌଣସି ସୁଧାର ନ ଆସିବା ଯୋଗୁଁ ସାଧାରଣ ଜନତା ଅତିଷ୍ଠ ହୋଇ ସ୍ଥାୟୀ ଲୋକ ଅଦାଲତ ଭବାନୀପାଟଣାଙ୍କ ଆଶ୍ରୟ ନେଇଥିଲେ। ତନ୍ମଧ୍ୟରୁ ଜନୈକ ନଜୁଲ ପ୍ରଜା ସତ୍ତ୍ୱଧାରୀ ଗୋପାଳ କୃଷ୍ଣ ପଟ୍ଟନାୟକ ନୂଆପଡା ଭବାନୀପାଟଣା ତାଙ୍କ ନିଜ ଜମିର ସ୍ଥିତିବାନ ପଟ୍ଟାପାଇଁ ବାରମ୍ବାର ତହସିଲ ଅଫିସ୍ ଦୌଡି ଦୌଡି ଅବଶ ହୋଇ ଯିବାପରେ ଉପରୋକ୍ତ କୋର୍ଟର ଆଶ୍ରୟ ନେଇଥିଲେ କେସ୍ ନଂ ୩୭/୧୯ ବଳରେ,ଠିକ୍ ସେହିପରି ଅନ୍ୟ ଜଣେ ମହିଳା ଆରତୀ ପାଢୀ ନିଜର ପଟ୍ଟା ପାଇଁ ମଧ୍ୟ ଉପରୋକ୍ତ କୋର୍ଟର ଆଶ୍ରୟ ନେଇଥିଲେ କେସ୍ ନଂ ୩୮/୨୦୧୯, ପରବର୍ତ୍ତୀ ପର୍ଯ୍ୟାୟରେ ଇନ୍ଦ୍ରମଣି ଡାକୁଆ ଓରଫ ବାରିକ ତାଙ୍କର ଅଟାଙ୍ଗଗୁଡା ମୌଜାର ଖାତା ନଂ ଭୁଲ୍ ଥିବାରୁ ସଂଶୋଧନ ନିମନ୍ତେ ଦରଖାସ୍ତ କରି ଛଅ ମାସ ଅଫିସ୍ ଦୌଡି ଦୌଡି ନିରାଶ ହେଲା ପରେ କେସ୍ ନଂ ୩୪/୨୦୧୯ ଦ୍ୱାରା ସ୍ଥାୟୀ ଲୋକ ଅଦାଲତର ଆଶ୍ରୟ ନେଇଥିଲେ। ଏ ସମସ୍ତଙ୍କ ସପକ୍ଷରେ ସ୍ଥାୟୀ ଲୋକ ଅଦାଲତର ଚେୟାରପରସନ୍ ଶ୍ରୀଯୁକ୍ତ ବିଜୟ କୁମାର ମିଶ୍ର, ମେମ୍ବର ପରମାନନ୍ଦ ବାଗ ଓ ସିଦ୍ଧାର୍ଥ କୁମାର ନାୟକଙ୍କ ଆଦେଶ ମୁତାବକ ତହସିଲଦାର କଳାହାଣ୍ଡିଙ୍କୁ ଏକ ମାସ ଭିତରେ ସମସ୍ତଙ୍କୁ ପଟ୍ଟା ଦିଅ ନଚେତ୍ ଟ୨୫,୦୦୦ ହଜାର ଟଙ୍କା ନିଜ ଦରମାରୁ ଦିଅ। ଉପରୋକ୍ତ ତିନିଜଣ ମହକିଲଙ୍କର ଓକିଲ ଲୋକନାଥ ନାୟକ ଓ ଆସୋସିଏଟ୍ ମକଦ୍ଦମା ପରିଚାଳନା କରୁଥିଲେ। ସରକାରଙ୍କର ତରଫରୁ ସୁଧାମୟ ଦାଶ ମକଦ୍ଦମା ପରିଚାଳନା କରୁଥିଲେ।

## ସର୍ବଭାରତୀୟ ମାନବ ଅଧିକାର ସମ୍ମିଳନୀ

# ଯୋଗ ଦେଲେ ଦୁଇ ଓଡ଼ିଆ



**ଭୁବନେଶ୍ୱର :** କୋଲକତାର କଶିପୁରଠାରେ ଭାରତୀୟ ଗଣତାନ୍ତ୍ରୀକ ମାନବାଧିକାର ସୁରକ୍ଷା ସଂଗଠନ(ପିଡିଏଚ୍‌ଆର୍‌ଆଇ) ପକ୍ଷରୁ ସର୍ବଭାରତୀୟ ମାନବ ଅଧିକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇ ଓଡ଼ିଆ ଯୋଗ ଦେଇଥିଲେ। ପିଡିଏଚ୍‌ଆର୍‌ଆଇର ସଭାପତି ପ୍ରଦୀପ କୁମାର ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ, ଓଡ଼ିଶା ରାଜ୍ୟ ସଭାପତି ଗଦାଧର ଦାଶଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହାକୁ ପଶ୍ଚିମବଙ୍ଗର ମାନବାଧିକାର କମିଶନ ସଭ୍ୟ ତଥା ବିଚାରପତି ମଣି ଶଙ୍କର ଦ୍ୱିବେଦୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାମଚରିତ ମାନସ ହେବା ସହ ମାନବ ଅଧିକାର ସୁରକ୍ଷା ସମ୍ପର୍କରେ ଆଲେଶଚନା ହୋଇଥିଲା। ବିଭିନ୍ନ ରାଜ୍ୟର ପ୍ରତିନିଧିଙ୍କ ସମେତ ପଶ୍ଚିମବଙ୍ଗର ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

# ୨୮ରେ ନବରଙ୍ଗପୁର ଆଇନଜୀବୀ ସଂଘ ନିର୍ବାଚନ

**ନବରଙ୍ଗପୁର :** ନବରଙ୍ଗପୁର ଆଇନଜୀବୀ ସଂଘର ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏନେଇ ସଂଘର ନିର୍ବାଚନ ଅଧିକାରୀ ସମରେଶ ଗନ୍ତାୟତ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଚଳିତ ମାସ ୨୮ ତାରିଖ ସକାଳ ୮ ଘଣ୍ଟିକା ଠାରୁ ଅପରାହ୍ନ ୨ ଘଣ୍ଟିକା ପର୍ଯ୍ୟନ୍ତ ଓକିଲ ସଂଘ ସମ୍ମିଳନୀ କକ୍ଷରେ ନିର୍ବାଚନ ଅନୁଷ୍ଠୀତ ହେବ। ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଇଚ୍ଛୁକ ଆଇନଜୀବୀ ମାନେ ମାର୍ଚ୍ଚ ୫ ଓ ୬ ତାରିଖରେ ପ୍ରାର୍ଥୀ ପତ୍ର ଉପ ନିର୍ବାଚନ ଅଧିକାରୀ କିଶୋର ପଟ୍ଟନାୟକ ଓ ତାଜ ଇମ୍ରାନ ସରିଫଙ୍କ ଠାରୁ ଦିନ ୧୧ ଟାରୁ ଅପରାହ୍ନ ୩ ଘଣ୍ଟିକା ପର୍ଯ୍ୟନ୍ତ ଗ୍ରହଣ ଓ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ମାର୍ଚ୍ଚ ୭ ତାରିଖ ଦିନ ଅପରାହ୍ନ ସାଢେ ୩ରେ ପ୍ରାର୍ଥୀ ପତ୍ର ଯାଞ୍ଚ। ୧୨ ତାରିଖ ଅପରାହ୍ନ ସାଢେ ୩ ଘଣ୍ଟିକାରେ ପ୍ରାର୍ଥୀ ତାଲିକା ପ୍ରକାଶ ହେବାକୁ ଥିବାବେଳେ ୧୩ ତାରିଖ ଦିବା ସାଢେ ୧୧ ଘଣ୍ଟିକାଠାରୁ ଦିନ ୩ ଘଣ୍ଟିକା ମଧ୍ୟରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ହେବ। ୧୪ ତାରିଖ ଦିନ ଚୁଡାନ୍ତ ପ୍ରାର୍ଥୀପତ୍ର ପ୍ରକାଶ ପାଇ ଆସନ୍ତା ୨୮ ତାରିଖ ସକାଳ ୮ ଘଣ୍ଟିକା ଠାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠୀତ ହେବ। ଉକ୍ତ ଦିବସ ଅପରାହ୍ନ ୩ ଘଣ୍ଟାଠାରୁ ଭୋଟଗଣତି ହୋଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଶମରେଶ ଗନ୍ତାୟତ ସୂଚନା ଦେଇଛନ୍ତି।

# ଆର୍‌ସିଇଏମ୍‌ର ୨୬ତମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର :** ରାଜଧାନୀ କଲେଜ ଅଫ୍ ଇଂଜିନୟରିଂ ଆଣ୍ଡ୍ ମ୍ୟାନେଜମେ (ଆର୍.ସି.ଇ.ଏମ୍)ର ଭୁବନେଶ୍ୱରସ୍ଥ ନିଜସ୍ୱ କଲେଜ ପରିସରରେ ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୁର୍ବତନ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର, ମୁଖ୍ୟ ବକ୍ତା ଭାବେ ନେଭାଲି ଲିଗ୍ନାଇଟ୍ କର୍ପୋରେସନ-ଭୁବନେଶ୍ୱରର ଉପଦେଷ୍ଟା ଡ଼ଃ. ପୁର୍ଣ୍ଣଚନ୍ଦ୍ର ପାଣିଗ୍ରାହି, ସମ୍ମାନୀୟ ଅତିଥି ଭାବେ ଓପିଜିସିର ପୁରାତନ ଜି.ଏମ୍ ତଥା ଓଡ଼ିଶା କର୍ପୋରେଟ ଫାଉଣ୍ଡେସନର ଉପାଧକ୍ଷ ନୀଳମଣି ମହାପାତ୍ର ଯୋଗଦାନ କରି ଆନୁଷ୍ଠାନିକ ଭାବରେ ଏହି ଉତ୍ସବକୁ ପ୍ରଦିପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ମିଶ୍ର ବାର୍ଷିକ ଉତ୍ସବ ପାଳନର ଅନୁଚିନ୍ତା ଉପରେ ବ୍ୟାଖ୍ୟା କରି ଅତିତ, ବର୍ତମାନ ଓ ଭବିଷ୍ୟତ ଉପରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଡ଼ଃ. ପାଣିଗ୍ରାହି ଅରିଷ୍ଟୋଟ୍‌ଲ୍ ଏବଂ ପ୍ଲୁଟୋଙ୍କ କର୍ମମୟ ଜିବନ ଉପରେ ଆଲୋକପାତ କରି ଧର୍ମ ଏବଂ ସତ୍ ମାର୍ଗରେ ରହି ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ କରି ସଫଳ ହେବାକୁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ମହାପାତ୍ର ମ୍ୟାନେଜମେ଼ ଛାତ୍ରଛାତ୍ରୀ ମାନେ ଶିକ୍ଷା ଶେଷପରେ ଚାକିରି ପଛରେ ନପଡ଼ି ନିଜେ ନୂତନ ଚିନ୍ତାଧାରରେ ଉନ୍ନତ ମାନର ନଜସ୍ୱ କର୍ମସଂସ୍ଥାନ ସୃଷ୍ଟି କରି ନୂତନ ଓଡ଼ିଶ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ବିଭିନ୍ନ ଶିଳ୍ପଦ୍ୟୋଗିମାନେ ଉନ୍ନତ ମାନର ଚିନ୍ତାସୃଷ୍ଟି କରି କିଭଳି ସଫଳ ହୋଇଛନ୍ତି ତା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ନିର୍ଦ୍ଦେଶକ ପ୍ରଫେସର ଡ଼ଃ. ନିର୍ମଳ ଚନ୍ଦ୍ର କର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡ଼ଃ. ତପନ କୁମାର ଲେଙ୍କା ବାର୍ଷିକ ବିବରଣି ପ୍ରଦାନ କରିଥିଲେ। ଅନୁଷ୍ଠାନର ସଂପାଦକ ସୁରେଶ କୁମାର ସାମଲ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସର୍ବପୁରାତନ କର୍ମଚାରୀ ମୁଖ୍ୟଗ୍ରନ୍ଥାଗାରିକା ରଶ୍ମୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଷ୍ଟୁଡେ଼ ଅଫ ଦି ଇୟର ଭାବେ ଏମ.ବି.ଏ ବିଭାଗର ସୁବାସ ଚନ୍ଦ୍ର ଗିରି ଏବଂ ପି.ଜି.ଡ଼ି.ଏମ୍ ବିଭାଗର ଜ୍ୟୋସ୍ନାରାଣୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପରିଶେଷରେ ଅନୁଷ୍ଠାନର ଡିନ୍. ଡ଼ଃ. ମାନସ ରଂଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଛାତ୍ରଛତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟମାନ ପରିବେଷଣ କରିଥିଲେ। ଏହି ଉତ୍ସବରେ ଉପସ୍ଥିତ ଥିବା ସମସ୍ତ ଅଧାପିକା ଅଧାକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ, ଓ ଅଭିଭାବକ ତଥା ନିମନ୍ତ୍ରିତ ଅତିଥି ମାନଙ୍କୁ ଉତ୍ସବର ସଫଳ ରୂପାୟନ ପାଇଁ ସଂପାଦକ ସୁରେଶ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଭୟା ଦୋଷୀଙ୍କ ମୃତ୍ୟୁ ପରଓ୍ୱାନା ବାରମ୍ବାର ଘୁଞ୍ଚିବା ଦ୍ୱାରା ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା କମୁଛି କି ?

**ଜନମତ**



*ନିର୍ଭୟା ଦୋଷୀ ଫାଶୀଖୁଣ୍ଟରେ ଝୁଲିବା ପୂର୍ବରୁ ସେମାନଙ୍କ ଫାଶୀ ଉପରେ ବାରମ୍ବାର କୋର୍ଟଙ୍କ ସ୍ଥଗିତାଦେଶ ଜାରି ହେବା ପରେ ଏ ନେଇ ଅନିଶ୍ଚିତତା ଦେଖାଦେଇଛି। ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ୪ଜଣଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦେବା ପାଇଁ ମୃତ୍ୟୁ ପରଓ୍ୱାନା ଜାରି କରାଯାଇଥିଲା। ପ୍ରଥମଥର ପାଇଁ ଦୋଷୀମାନଙ୍କୁ ଜାନୁଆରୀ ୨୨ରେ, ଦ୍ୱିତୀୟଥର ଫେବୃଆରୀ ୧ ତାରିଖରେ ଏବଂ ତୃତୀୟ ଥର ମାର୍ଚ୍ଚ ୩ ତାରିଖରେ ଫାଶୀ ଦେବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଦୋଷୀ ପଓ୍ୱନ ଗୁପ୍ତା ଶେଷ ମୁହୂର୍ତ୍ତରେ ରାଷ୍ଟ୍ରପତିଙ୍କ ନିକଟରେ ରାଜକ୍ଷମା ଆବେଦନ କରିବା ଯୋଗୁ ଏହା ଉପରେ ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା ରହିତାଦେଶ ଜାରି କରିଛନ୍ତି। ଏହି ଘଟଣାକୁ ନେଇ ସମଗ୍ର ଦେଶରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ତେଣୁ ନିର୍ଭୟା ଦୋଷୀଙ୍କ ମୃତ୍ୟୁ ପରଓ୍ୱାନା ଉପରେ ବାରମ୍ବାର ରହିତାଦେଶ ଲାଗିବା ଦ୍ୱାରା ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ବଢୁଛି ବା କମୁଛି ଏହାକୁ ନେଇ 'ଏକମାତ୍ର'ର ଏ ସପ୍ତାହର ଜନମତ।*



**ମାନସ ମହାପାତ୍ର**
**ପୂର୍ବତନ ଚେୟାରମ୍ୟାନ୍, ଓଡ଼ିଶା ବାର କାଉନସିଲ**

ଭାରତର ବିଚାର ବ୍ୟବସ୍ଥା ଚାଲିବା ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସରଣ କରାଯାଏ, ଯାହା ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହେଲା ଚାଲି ଆସୁଛି। ବର୍ତ୍ତମାନ ସମୟରେ ଯେଉଁ ହିଂସା ବା ଅପରାଧ ଘଟୁଛି ତାହା ଏକ ଉନ୍ନତମାନର। ଯାହାକୁ ରୋକିବା ପାଇଁ ଦେଶର ଅନୁସନ୍ଧାନ ବିଭାଗ ବେଳେବେଳେ ନାଚାର। ସେହି ଅବସ୍ଥା ବିଚାର ବିଭାଗରେ ବି ଥାଏ। ଭାରତ ଭଳି ଗୋଟେ ଜନବହୁଳ ଦେଶରେ ବିଚାର ବିଭାଗର ଭିତ୍ତିଭୂମି ଲୋକସଂଖ୍ୟା ତୁଳନାରେ ବହୁତ କମ। ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡ ଦେଶରେ ଗୋଟେ ଅପରାଧ ତାଲିକାରେ ଇତିହାସ ସୃଷ୍ଟି କରିଥିଲା ଏବଂ ଏହାର ପ୍ରତିଫଳନ ସମାଜ ଉପରେ ଭୟଙ୍କର ଭାବେ ପକାଇଥିଲା। ଯଦ୍ୱାରା ପୋଲିସ ଏବଂ ବିଚାର ବିଭାଗ ଏଭଳି ଅପରାଧଜନିତ ଘଟଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବରେ ନେଇଛନ୍ତି। କିନ୍ତୁ ଆଇନର ପ୍ରଣାଳୀରେ ପରିବର୍ତ୍ତନ ଅଣାଯାଇ ପାରିନାହିଁ। ଯଦ୍ୱାରା ଅପରାଧୀମାନେ ପୁରୁଣା ପ୍ରଣାଳୀର ଗଳାବାଟରେ ଖସିବା ପାଇଁ ବିଭିନ୍ନ ପ୍ରକାର ପ୍ରୟାସ ଜାରି ରଖୁଛନ୍ତି। ଯଦ୍ୱାରା ବିଚାର ବିଭାଗ ସମୟେ ସମୟେ ନିଃସହାୟ ମନେ କରୁଛି। ଏହାର ଆଉଏକ ଉଦାହରଣ ହେଲା - ଯେଉଁଦିନ ଠାରୁ ବିଚାର ବିଭାଗ ରାଜନୈତିକ ଅପରାଧ, ଦୁର୍ନୀତି, ରାଜନୀତିରେ ଅପରାଧକୁ ବିଚାର ବିଭାଗ ଦୃଢ଼ତାର ସହ ପଦକ୍ଷେପ ନେବା ପାଇଁ ପ୍ରଚେଷ୍ଟା ଆରମ୍ଭ କଲେ ସେତେବେଳେ ଶାସନ ବ୍ୟବସ୍ଥାରେ ଥିବା କିମ୍ବା ଆଇନ ପ୍ରଣୟନ କରୁଥିବା ରାଜନେତାମାନେ ଆଇନ ପ୍ରଣୟନରେ ବିଳମ୍ବ କଲେ ଓ ବିଚାର ବିଭାଗକୁ ଦୋଷାରୋପ କଲେ। କହିଲେ ଅତ୍ୟୁକ୍ତି ହେବନାହିଁ ଯେ, ଏଥିରେ ରାଜନେତାମାନେ ବିଚାର ବିଭାଗକୁ ନିଜ ଲକ୍ଷ୍ମଣରେଖା ଭିତରେ ରହିବାକୁ ଚେତେଇ ଦେଲେ। ବିଚାର ବିଭାଗକୁ କିଭଳି ବଦନାମ କରାଯାଇପାରିବ ସେଥିପାଇଁ ରାଜନେତାମାନେ ଉଦ୍ୟମ କଲେ। ଏଣୁକରି ସାମଗ୍ରିକ ଭାବେ ଦେଖିଲେ ଆଇନ ପ୍ରଣୟନକାରୀ ରାଜନେତା, ଅନୁସନ୍ଧାନକାରୀ ପୋଲିସ ବିଭାଗ ଏବଂ ବିଚାର ବିଭାଗରେ ବୈପ୍ଳବିକ ପରିବର୍ତ୍ତନ ଦରକାର। ଯଦ୍ୱାରା ସାଧାରଣ ଜନତା ଦେଶର ବିଧିବ୍ୟବସ୍ଥା ଉପରେ ଭରସା କରିବା ପାଇଁ ଆଶା ରଖିବେ। ନଚେତ୍ ଅପରାଧୀମାନେ ନିଜ ହାତକୁ ଆଇନକୁ ନେବା ପାଇଁ ପଛାଇବେ ନାହିଁ ଏବଂ ଏହା ହୋଇପାରେ ସରକାର ନିଜ ଦୋଷ ଘୋଡାଇବା ପାଇଁ ହାଇଦ୍ରାବାଦ ଭଳି ଘଟଣାର ପୁନରାବୃତ୍ତି କରିପାରନ୍ତି। କିନ୍ତୁ ତାହା ସଭ୍ୟ ସମାଜର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଦୌ ଗ୍ରହଣୀୟ ହେବନାହିଁ।



**ମନୋରଞ୍ଜନ ମିଶ୍ର**
**ଏଡିଟର, କନକ ଟିଭି**

ନିର୍ଭୟା ମାମଲାରେ ଫାଶୀ ଘୁଞ୍ଚି ଚାଲିଥିଲା ବେଳେ ସାଧାରଣ ଲୋକଙ୍କର ଆସ୍ଥା ତୁଟିବାରେ ଲାଗିଛି। ଏହାର ମୂଳ କାରଣ ହେଉଛି ଯେ, ଭାରତର ଆଇନ ବ୍ୟବସ୍ଥା ସରଳ ନୁହେଁ ଏବଂ ଏହା ଅଧିକରୁ ଅଧିକ ଜଟିଳ। ଏହି ଜଟିଳ ବ୍ୟବସ୍ଥା ଭିତରେ ଆପଣ ତତ୍‌କ୍ଷଣାତ ନ୍ୟାୟ ପାଇବା, ସମୟୋପଯୋଗୀ ନ୍ୟାୟ ପାଇବା କଷ୍ଟକର। ତେଣୁ ଲୋକଙ୍କର ଆସ୍ଥା ଆମ ବିଚାର ବ୍ୟବସ୍ଥା ଉପରେ ତୁଟୁଛି। ଫାଶୀର ମୂଳ ଉଦ୍ଦେଶ୍ୟ ହେଉଛି ଏକ ବାର୍ତ୍ତା ଦେବା ଯେ, ଏ ଦେଶର ଆଇନ ବ୍ୟବସ୍ଥା ଏ ପ୍ରକାର ଘୃଣ୍ୟ କାମକୁ କେବେହେଲେ ପ୍ରଶୟ ଦିଏନାହିଁ। ଇଏ ହେଉଛି ମୂଳ ଉଦ୍ଦେଶ୍ୟ। ଆଉ ଯେଉଁମାନେ ଏହିଭଳି କାମ କରନ୍ତି ସେମାନଙ୍କୁ ଏହିଭଳି କଠୋର ଦଣ୍ଡ ଦିଆଯାଇପାରେ। ଫାଶୀର ମୂଳ ଉଦ୍ଦେଶ୍ୟ ହେଉଛି ଅପରାଧକୁ କମେଇବା। କିନ୍ତୁ ଯେଉଁଭଳି ଢଙ୍ଗରେ ଆମେ ଦେଖୁଛୁ ଫାଶୀ ତାରିଖ ଘୁଞ୍ଚି ଘୁଞ୍ଚି ଯାଉଛି ସେହି କଥାକୁ ଯଦି ସାଧାରଣ ଲୋକଙ୍କ ଭିତରେ ଆମେ ଦେଖୁଛୁ ଫାଶୀ ପ୍ରତି ଲୋକଙ୍କର ଭୟ କମିଛି। ଫାଶୀ ମିଳିବା ଏତେ ସହଜ ନୁହେଁ, ଦୋଷ କଲେ ଦଣ୍ଡ ମିଳିବା ଏତେ ସହଜ ନୁହେଁ। ଅନ୍ତତଃ ଏହିଭଳି ଏକ ବାର୍ତ୍ତା ଏହି ଘଟଣାରୁ ମିଳୁଛି। ତେଣୁ ଯେତେ ଶୀଘ୍ର ଆମେ ଆମର ବ୍ୟବସ୍ଥାକୁ ସରଳ କରିବା ଉଚିତ। ଆମ ବ୍ୟବସ୍ଥା ଭିତରେ ଏଭଳି ଜଟିଳତା ଯେପର୍ଯ୍ୟନ୍ତ ରହିଥିବ ଫାଶୀର ମୂଳ ଉଦ୍ଦେଶ୍ୟ କେବେ ହେଲେ ସାଧିତ ହୋଇପାରିବ ନାହିଁ।



**ଗାୟତ୍ରୀ ଦାଶ**
**ବଡଗଡ, ଭୁବନେଶ୍ୱର**

ନିର୍ଦ୍ଦୋଷ ବ୍ୟକ୍ତି କୌଣସି କାରଣବଶତଃ ଅଦାଲତରେ ଦଣ୍ଡିତ ହେଲେ ତାଙ୍କୁ ଦୋଷମୁକ୍ତ ହେବାକୁ ସୁଯୋଗ ଦେବା ପାଇଁ ଆଇନ୍‌ରେ ଯେଉଁ ବ୍ୟବସ୍ଥା ରହିଛି ତାହା ଯୁକ୍ତିଯୁକ୍ତ। କିନ୍ତୁ ନିର୍ଭୟା ମାମଲାରେ ନିମ୍ନ ଅଦାଲତଠାରୁ ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ସବୁସ୍ତରରେ ଦୋଷୀମାନଙ୍କର ଦୋଷ ପ୍ରମାଣିତ ହୋଇଥିଲା। ସେଥିପାଇଁ ନ୍ୟାୟାଳୟ ସେମାନଙ୍କୁ ଫାଶୀଦଣ୍ଡ ଦେଇଥିଲେ ଓ ରାଷ୍ଟ୍ରପତି ମଧ୍ୟ ସେମାନଙ୍କର ରାଜକ୍ଷମା ଆବେଦନ ଖାରଜ କରିଥିଲେ।

ନ୍ୟାୟ ବ୍ୟବସ୍ଥାରେ ଦୋଷ ବାରମ୍ବାର ପ୍ରମାଣିତ ହେବା ପରେ ଏବଂ ତଦନୁଯାୟୀ ଦଣ୍ଡ ଦିଆଯିବା ପରେ ମଧ୍ୟ ଆଇନରେ ଥିବା ଫାଙ୍କର ସୁଯୋଗ ନେଇ ନିର୍ଦ୍ଧାରିତ ଦଣ୍ଡକୁ ଟାଳିବା ପାଇଁ ଯେଉଁ ଚେଷ୍ଟା କରାଯାଉଛି, ସେସବୁ ଏକ ନିର୍ଦ୍ଦିଷ୍ଟ ସମୟସୀମା (ସ୍ୱଳ୍ପ ଅବଧି) ଭିତରେ ହେବା ଆବଶ୍ୟକ। ନଚେତ୍ ଆଇନ୍ ବ୍ୟବସ୍ଥା ଉପରେ ଥିବା ଜନସାଧାରଣଙ୍କ ଭରସା ନିଶ୍ଚିତ ଭାବେ କମିବ।



**ଅଭିରାମ ପ୍ରସାଦ ପଟ୍ଟନାୟକ**
**ଆଇନ୍‌ଜୀବୀ ଓ ସାମ୍ବାଦିକ**

ଦେଶରେ କଳାଧଳାର ଆବରଣ ଭିତରେ ହଜିଯାଇଛି ଆଇନର ମାନବିକତା। ବର୍ଷ ବର୍ଷ ଧରି ଆସାମୀ ମାନଙ୍କ ବିଚାର ପଡି ରହୁଥିବାରୁ ଏଥିପାଇଁ ପ୍ରଚୁର ସରକାରୀ ଅର୍ଥ ଖର୍ଚ୍ଚ ହେଉଛି। ଯାହା ସାଧାରଣ ଜନତାଙ୍କ ଉପରେ ଲଦି ଦିଆଯାଉଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ଆଇନର ସଂଶୋଧନ କରାଯିବାର ଆବଶ୍ୟକତା ଅଛି, ନଚେତ ନିର୍ଭୟା ଦୋଷୀଙ୍କ ଫାଶୀ ତାରିଖ ଗଡିଲା ପରି ଅପରାଧ ସିନା ବଢିବ, କମିବା ଅସମ୍ଭବ। ନିର୍ଭୟା ଦୋଷୀଙ୍କ ମୃତ୍ୟୁ ପରଓ୍ୱାନା କ୍ଷେତ୍ରରେ ଯେଉଁଭଳି ପ୍ରକ୍ରିୟା ଆଇନ ଦ୍ୱାରା ଚାଲିଛି ଲୋକଙ୍କର ଆଇନ ବ୍ୟବସ୍ଥା ପ୍ରତି ଭରସା କମିବା ସ୍ୱାଭାବିକ।



**ଅଭୟ ଚରଣ ସିଂ (ଅନୁ)**
**ଆଇନଜୀବୀ, ଭୁବନେଶ୍ୱର**

ନିର୍ଭୟା ଦୋଷୀ ମାନଙ୍କର ମୃତ୍ୟୁ ପରଓ୍ୱାନା ବାରମ୍ବାର ଘୁଞ୍ଚିବା ଆମ ଆଇନ ବ୍ୟବସ୍ଥା ପ୍ରତି ସଙ୍କଟ ସୃଷ୍ଟି କରୁଛି ବୋଲି ମୋର ମନେହୁଏ। କାରଣ ଏଭଳି ଅମାନୁଷିକ, ବର୍ବରୋଚିତ ଓ ଭୟାନକ ଘଟଣା ଦେଶରେ କଳଙ୍କର ଇତିହାସ ଫର୍ଦ୍ଦକୁ ଦୀର୍ଘ କରିଦେଇଛି। ୪ ନିର୍ଭୟା ଦୋଷୀଙ୍କୁ ତୁରନ୍ତ ଫାଶୀ ଦିଆଯିବା ଉଚିତ୍। ଏଥିରେ କୌଣସି ଟାଳଟୁଳ ନୀତି ଅବଲମ୍ବନ କରାଯିବା ଆଇନ ପ୍ରତି ଅପମାନ। ନିର୍ଭୟାଙ୍କ ମା' ଯେଭଳି ଏହି ଫାଶୀ ଦିନକୁ ଚାତକ ଭଳି ଚାହିଁଛନ୍ତି ସେଭଳି ଦେଶର କୋଟି କୋଟି ମା' ଏହି ଜଘନ୍ୟ ଅପରାଧୀଙ୍କ ଫାଶୀ ଖୁଣ୍ଟରେ ଝୁଲିବାକୁ ଅପେକ୍ଷା କରି ରହିଛନ୍ତି। ଏ କ୍ଷେତ୍ରରେ ଆଦୌ ଆଉ ଅବହେଳା ପ୍ରଦର୍ଶନ କରାଯିବା ଅନୁଚିତ୍।



**ଦାମୋଦର ପଣ୍ଡା**
**ସାମ୍ବାଦିକ, ସମ୍ବଲପୁର**

କୁହାଯାଏ, କାନୁନ ଅନ୍ଧ, ଆମର ନ୍ୟାୟ ବ୍ୟବସ୍ଥାର ଆଖିରେ ଅନ୍ଧପୁଟୁଳି ବନ୍ଧାଯାଇଥାଏ, ଏହାର ବାସ୍ତବତା ପରଖିବା ପାଇଁ ନିର୍ଭୟା କେସ୍‌କୁ ନିଆଯାଇପାରେ। ହଜାରେ ଦୋଷୀ ଖସି ଯାଆନ୍ତୁ, ମାତ୍ର ଜଣେ ବି ନିର୍ଦ୍ଦୋଷ ଦଣ୍ଡ ନ ପାଉ, ଏଥିପାଇଁ ଆଇନରେ ଯାହା ଯାହା ବ୍ୟବସ୍ଥା ଅଛି, ତାର ଦୁରୁପଯୋଗ କେମିତି କରାଯାଇପାରିବ ତା'ର ଏକ ଜ୍ୱଳନ୍ତ ଉଦାହରଣ ନିର୍ଭୟା କେସ। ଯେହେତୁ ଏହା ଚତୁର୍ଥଥର ପାଇଁ ଫାଶୀ ଦଣ୍ଡାଦେଶ, ଲୋକଙ୍କ ବିଶ୍ୱାସ ଏବେ ବି ନାହିଁ। ନ୍ୟାୟ ପାଇବା ପାଇଁ ପ୍ରଚଳିତ ଆଇନରେ ବହୁ ତ୍ରୁଟି ରହିଛି। ତାକୁ ନ ସୁଧାରିଲେ, ଲୋକଙ୍କ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ତୁଟିଯିବ। ଏ ଦିଗରେ ଆଇନ ପ୍ରଣୟନକାରୀ ଓ ଆଇନ ବିଶେଷଜ୍ଞମାନେ ତର୍ଜମା କରିବାର ସମୟ ଆସିଯାଇଛି।



**ଅକ୍ଷୟ ଦାସ**
**ଆଇନଜୀବୀ, ଭୁବନେଶ୍ୱର**

ନିର୍ଭୟା ଘଟଣା ଲୋକଲୋଚନକୁ ଆସିଲା ପରେ ଯିଏ କେହିବି ଏ କୁକର୍ମ ସହିତ ଜଡିତ ଥିଲେ ସେମାନଙ୍କ ବିରୋଧରେ ମୃତ୍ୟୁ ଠାରୁ ମଧ୍ୟ କଠୋର ଦଣ୍ଡ ବିଧାନ ଆଶା ରଖିଥିଲେ ସାରା ଭାରତ ବର୍ଷ। ଜଘନ୍ୟ ରୂପ ଦେଇ ଅମାନୁଷିକ ଭାବରେ ନିରୀହ ଝିଅଟିକୁ କାପୁରୁଷ, ବଳାତ୍କାରୀ ଯେଉଁ ଢଙ୍ଗରେ ଏ ଘଟଣା ପରିପୂର୍ଣ୍ଣ କଲେ, ସମାଜର ପ୍ରତ୍ୟେକ ସ୍ତରରେ ସେ ଅଭିଯୁକ୍ତଙ୍କ ବିରୋଧରେ କେବଳ ଉଚିତରୁ ଅତିଉଚିତ୍ ଦଣ୍ଡ ବିଧାନ ପାଇଁ ଅପେକ୍ଷାରତ। ମାତ୍ର ଦେଶର ଆଇନ କାନୁନରେ ଏମିତି କିଛି ସ୍ତମ୍ଭ ରଚିତ କରାଯାଇଛି ଯେ, ଦୋଷୀ ସାବ୍ୟସ୍ତ ବ୍ୟକ୍ତି ସେଇ ଆଇନର ପ୍ରରୋଚନାରେ କିଛିକ୍ଷଣ ପାଇଁ ନିଜକୁ ବଞ୍ଚାଇବା ପାଇଁ ତାର ଶୋଷ ମେଣ୍ଟାଇବାକୁ ପ୍ରୟାସ ଜାରି ରଖିଛନ୍ତି। ଯେଉଁ ଆଇନ ସଜା ଶୁଣେଇ ସାରିଛି, ବିଳମ୍ବ କରିକି ଲୋକମାନସରେ ସେଇ ଆଇନ କିଛି ସମୟ ପାଇଁ ବିରତି ଦେଇପାରେ ମାତ୍ର ମୃତ୍ୟୁଦଣ୍ଡକୁ ବେଶୀ ସମୟ ନୁହେଁ। ସଜା ସ୍ଥିରୀକୃତ ହୋଇଛିମାନେ କାର୍ଯ୍ୟକାରୀ ବି ବହୁତ ଶୀଘ୍ର। ଆମାକୁ ନ୍ୟାୟାଳୟ ଉପରେ କିଛି ସମୟ ପୁଣି ଭରସା ଓ ଅପେକ୍ଷା କରିବାକୁ ପଡିବ। କିନ୍ତୁ ସଫଳ ନ୍ୟାୟ ସୁନିଶ୍ଚିତ।



**ଉପାଳୀ ଦାଶ**
**ଅହମ୍ମଦାବାଦ, ଗୁଜୁରାଟ**

ନିର୍ଭୟା ଦୋଷୀ ମାନଙ୍କର ମୃତ୍ୟୁ ପରଓ୍ୱାନା ବାରମ୍ବାର ଘୁଞ୍ଚିବା ଦ୍ୱାରା ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା କମିବ ସ୍ୱାଭାବିକ। ନିର୍ଭୟା ଗ୍ୟାଙ୍ଗରେପ୍ କେସର ଦୋଷୀମାନଙ୍କୁ ଦିଲ୍ଲୀର ପଟିୟାଲା କୋର୍ଟ ଗୁରୁବାରକୁ ନୂଆ ଓ୍ୱାରେଣ୍ଟ ଜାରି କରିଛି ସତ କିନ୍ତୁ ସେହି ଓ୍ୱାରେଣ୍ଟ କେତେଦୂର ସଫଳ ହେବ ଏହା ସନ୍ଦେହ ଲାଗୁଛି। ଯେତେବେଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚତୁର୍ଥ ଦୋଷୀ ପଓ୍ୱନ ଗୁପ୍ତାର ଦୟା ଯାଚିକ ଖାରଜ କରିଥିଲେ ସେତେବେଳେ ସମସ୍ତ ଦୋଷୀମାନଙ୍କର କାନୁନ ବିକଳ୍ପ ବିଫଳ ହୋଇଥିଲା ବୋଲି ବୁଝା ପଡୁଥିବା ବେଳେ ଦୋଷୀମାନଙ୍କ ତରଫରୁ ପୁଣି କେଉଁ ଖେଳ ଖେଳାଯିବ ଜନତା ତାହା ଅପେକ୍ଷା କଲା ପରି ବୋଧ ହେବା ମଧ୍ୟ ସ୍ୱାଭାବିକ ଅଟେ।



**ବିଶ୍ୱଜିତ ପଟ୍ଟନାୟକ (ସିଲୁ)**
**ସମାଜସେବୀ, ଭୁବନେଶ୍ୱର**

ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ପ୍ରସଙ୍ଗରେ ମୋର ବ୍ୟକ୍ତିଗତ ମତ ହେଉଛି ନିର୍ଭୟା ଦୋଷୀ ଫାଶୀଖୁଣ୍ଟରେ ଝୁଲିବା ପୂର୍ବରୁ ଦେଶର ସମ୍ବିଧାନ ଓ ନ୍ୟାୟିକ ବ୍ୟବସ୍ଥା ବିଧି ଭିତରେ ଥିବା ସୁଯୋଗ ଓ ଅଧିକାର ପାଇବାକୁ ଏମାନେ ହକଦାର। ଏହି ପରିପ୍ରେକ୍ଷୀରେ ବିନମ୍ରତାର ସହ ମୁଁ କହିବାକୁ ଚାହେଁ ଯେ, ଭାରତର ସମସ୍ତ ବୁଦ୍ଧିଜୀବୀ, ଗଣମାଧ୍ୟମ, ଆଇନଜୀବୀ, ସାମାଜିକ କର୍ମୀ ଓ ଜନସାଧାରଣ ମନେରଖିବା ଉଚିତ୍ ଯେ, ନିର୍ଭୟା ଦୋଷୀଙ୍କ ଓକିଲ ଏପି ସିଂ ଆଇନ ପରିସୀମା ବାହାରକୁ ଯାଇ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିନାହାନ୍ତି। ଜଣେ ଭଲ ଆଇନଜ୍ଞ ହିସାବରେ ତାଙ୍କର ଦକ୍ଷତାକୁ ସେ ପ୍ରତିପାଦିତ କରିଚାଲିଛନ୍ତି। ତେଣୁ ଭବିଷ୍ୟତରେ ସେ ଦେଶର ପ୍ରତିଷ୍ଠିତ ଆଇନଜୀବୀଙ୍କ ମଧ୍ୟରେ ନିଜର ସ୍ଥାନ ସୁରକ୍ଷିତ ରଖିପାରିବେ। ଏହି ଘଟଣାକୁ ଅତିରଞ୍ଜିତ କରି କେହି କୌଣସି ମତ ମନ୍ତବ୍ୟ ଦେବା ପୂର୍ବରୁ ଆମ ଦେଶର ସମ୍ବିଧାନ ଓ ଆଇନକୁ ଭଲଭାବେ ତର୍ଜମା କରିବା ଉଚିତ୍। ଆଇନରେ ଦୋଷୀମାନଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି। ଏଥିରୁ ତାଙ୍କୁ କୌଣସି ପରିସ୍ଥିତିରୁ ବଞ୍ଚିତ କରାଯାଇପାରିବ ନାହିଁ।



**ଲିଙ୍ଗରାଜ ସାହୁ**
**ସାମ୍ବାଦିକ, ଭୁବନେଶ୍ୱର**

ବହୁ ଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ମାମଲାର ୪ ଦୋଷୀଙ୍କୁ ଫାଶୀ ଦେବା ଲାଗି ପୁଣି ମାର୍ଚ୍ଚ ୨୦ ତାରିଖରେ ନୂଆ ଡେଥ୍ ଓ୍ୱାରେଣ୍ଟ ଜାରି କରାଯାଇଛି। ଏହି ଡେଥ୍ ଓ୍ୱାରେଣ୍ଟ ଅନୁଯାୟୀ ସେଦିନ ଭୋର ସାଢ଼େ ୫ଟାରେ ନିର୍ଭୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦିଆଯିବ। ପଟିଆଲା ହାଉସ୍ କୋର୍ଟରେ ପାଖାପାଖି ଏକ ଘଣ୍ଟାର ଶୁଣାଣି ପରେ ଏହି ଡେଥ୍ ଓ୍ୱାରେଣ୍ଟ ଜାରି କରାଯାଇଛି। ନ୍ୟାୟପାଳିକା ଉପରେ ବିଶ୍ୱାସ ନ ରଖି ଚାରା ନାହିଁ। କେଉଁଠି କିଏ କ'ଣ କଲେ ଥାନାରେ ପୋଲିସ ଯେପରି ହଇରାଣ କରେ ସମସ୍ତେ ଜାଣନ୍ତି। ଯାହାଫଳରେ ଲୋକ ଅଭିଯୋଗ କରିବାକୁ ବି ଭୟ କରନ୍ତି। ଆଇନ ନିଜ ହାତକୁ ନେଇ ଦଣ୍ଡ ଦେଲେ ଲୁଚେଇକି ଦେବା ସୁଯୋଗ ବି ଆଉ ନାହିଁ। କ୍ୟାମେରା ସବୁ ଆଡେ ଲାଗିଲାଣି। ଆଉ ସବୁଠୁ ବଡକଥା ହେଲା ଆଇନ ହାତକୁ ନେଇ କାହାକୁ ଦଣ୍ଡ ଦେଲେ ଦିନେ ପଦାକୁ ଆସିବ କଥା। ଏମିତି ବି କାହାକୁ ଦଣ୍ଡ ଦେଇ ହାତ ଗନ୍ଧେଇବା ଅପେକ୍ଷା ନ୍ୟାୟପାଳିକା ଉପରେ ବିଶ୍ୱାସ ରଖି ଛାଡିଦେବାକୁ ପଡିବ। ନ୍ୟାୟପାଳିକା ମଧ୍ୟ ଠିକଣା ନ୍ୟାୟ ଦେବାକୁ ଆମ୍ଭେ ଅପେକ୍ଷା କରିଛୁ। ନିର୍ଭୟା ଗଣବଳାତ୍କାର ମାମଲାର ଶୁଣାଣି ଆରମ୍ଭ ହୋଇଥିଲେ ମଧ୍ୟ ବାରମ୍ବାର ତାରିଖ ଗଡିବା ନେଇ ଲୋକମାନେ ନ୍ୟାୟପାଳିକା ଉପରେ ସନ୍ଦେହ କରିବା ଉଚିତ ହେବନାହିଁ। ଏହି ମାମଲାର ନୂଆ ଡେଥ୍ ଓ୍ୱାରେଣ୍ଟ ଜାରି କରାଯାଇଛି। ଦୋଷୀଙ୍କ ପକ୍ଷରୁ ଲଢୁଥିବା ଓକିଲ ଏପି ସିଂ ହାଇଲାଇଟ୍ ହୋଇଗଲେ। ସମସ୍ତ ତର୍କ ବିତର୍କ ପରେ କିନ୍ତୁ ଶେଷରେ କୋର୍ଟ ଏହି ମାମଲାର ନୂଆ ଡେଥ୍ ଓ୍ୱାରେଣ୍ଟ ଜାରି କରିଛନ୍ତି। ସୂଚନାଯୋଗ୍ୟ, ୨୦୧୨ରେ ରାଜଧାନୀ ଦିଲ୍ଲୀରେ ଜଣେ ପାରାମେଡିକାଲ ଛାତ୍ରୀ (ନିର୍ଭୟା)ଙ୍କୁ ଗଣବଳାତ୍କାର କରାଯିବା ପରେ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଦୀର୍ଘ ୭ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲା। ଏଥିରେ ୪ ଦୋଷୀଙ୍କୁ କୋର୍ଟ ଫାଶୀ ଦଣ୍ଡାଦେଶ ଦେଇଥିଲେ। ହେଲେ ଏହାକୁ ଚ୍ୟାଲେଞ୍ଜ କରି ସମସ୍ତ ଦୋଷୀ ଆଇନର ଆଶ୍ରୟ ନେଇଥିଲେ। ଫଳରେ ୪ ଦୋଷୀଙ୍କୁ ଫାଶୀ ପାଇଁ ବହୁଥର ଡେଥ୍ ଓ୍ୱାରେଣ୍ଟ ଜାରି କରାଯାଇଥିଲେ ବି ଏହ ପୁଣି ଘୁଞ୍ଚି ଯାଇଥିଲା।



**ଅଜିତ ପଟ୍ଟନାୟକ**
**ଭୁବନେଶ୍ୱର**

ସବୁ ପ୍ରକାର ଆଇନଗତ ପଦକ୍ଷେପ ନେବା ପାଇଁ ଅଭିଯୁକ୍ତ ମାନଙ୍କର ଅଧିକାର ରହିଛି। ଫାଶୀ ଦେବା ଫାଷ୍ଟଫୁଡ୍ ଖାଇବା ନୁହେଁ। ଫାଶୀ ପାଇବାକୁ ଥିବା ଲୋକଟି ଜୀବନ ରକ୍ଷା କରିବା ପାଇଁ ସମସ୍ତ ଆଇନଗତ ପଦକ୍ଷେପ ନେବ। ଏହା ଆମ ଆଇନ ବ୍ୟବସ୍ଥାର ନିରପେକ୍ଷତାକୁ ସୂଚିତ କରୁଛି।



**ଜୟଶ୍ରୀ ସାହୁ**
**ଅଧ୍ୟାପିକା**

ଅପରାଧୀ ପଓ୍ୱନ ଗୁପ୍ତାଙ୍କ ଓକିଲ ଯେଭଳି ଭାବରେ ଗଣମାଧ୍ୟମରେ ଅପରାଧୀଙ୍କ ସପକ୍ଷରେ ଯୁକ୍ତି ବାଢୁଛନ୍ତି ଏବଂ ତାଙ୍କ ଜିଦ୍‌କୁ ଶତ ପ୍ରମାଣିତ କରି ଫାଶୀର ଧାର୍ଯ୍ୟ ତାରିଖ ଘୁଞ୍ଚିବାରେ ଲାଗିଛି, ତାହା ଦେଖିଲେ ଯେକୌଣସି ପୀଡ଼ିତା ନ୍ୟାୟ ପାଇଁ ଲଢ଼ିବା ଅପେକ୍ଷା ନିଜକୁ ଅପରାଧୀ ଭାବି ନିରବ ରହିବାଟା ଉଚିତ୍ ମନେକରିବ। ଜନସାଧାରଣଙ୍କ ଆସ୍ଥା ତ ନ୍ୟାୟ ଉପରୁ କମୁଛି, ତା' ସହ ଏହା ଅପରାଧୀର ମନୋବଳ ବଢ଼ାଉଛି। ପ୍ରକାରାନ୍ତରେ ଲୋକଙ୍କୁ ଆଇନକୁ ହାତକୁ ନେବା ପାଇଁ ବାଧ୍ୟ କରୁଛି। ବ୍ୟକ୍ତିଗତ ଭାବେ ମୁଁ ମୃତ୍ୟୁଦଣ୍ଡର ବିରୋଧୀ। କିନ୍ତୁ ଓକିଲ ହରି ସିଂଙ୍କ ଯୁକ୍ତି, ଅତି ଦୀର୍ଘ ବିଚାର ପ୍ରକ୍ରିୟା ଓ ନ୍ୟାୟାଳୟର ଅସହାୟତା ଦେଖିଲେ ମନରେ ପ୍ରଶ୍ନ ଉଠୁଛି, ଗଣତନ୍ତ୍ରରେ ନାଗରିକର ସୁରକ୍ଷା ତେବେ କାହାର ଦାୟିତ୍ୱ ?



**କୈଳାସ ଚନ୍ଦ୍ର ବେହେରା**
**ସାମ୍ବାଦିକ, ସୋର**

ହଁ, ସତ ପ୍ରତିଶତ କମୁଛି। ଦୋଷୀଙ୍କ ତରଫରୁ ଲଢୁଥିବା ଓକିଲଙ୍କ କହିବାନୁସାରେ ଦେଶରେ ଗୋଟିଏ ପ୍ରକାର କେସ ପାଇଁ କାହିଁକି ଅଲଗା ଅଲଗା ନିୟମ ? ଆଗରୁ ଏମିତି ବହୁତ କେସରେ କାହାକୁ ଆଜୀବନ ଜେଲ୍ ଦଣ୍ଡ କାହାକୁ ପାଞ୍ଚବର୍ଷ ସଶ୍ରମ ? ପୁଣି ଫାଶୀ ଦଣ୍ଡାଦେଶ ବଦଳି ଆଜୀବନ କିମ୍ବା କ୍ଷମା ଦିଆଯାଇଛି। ଏମିତି ନିୟମ କାହିଁକି ? ମାଡ ଖାଉଥିବା ଲୋକ କେସ ଦେଉଛି, ମାଡ ମାରିଥିବା ଲୋକ ବି ପାଲଟା କେସ ଦେଉଛି। କି ବିଚିତ୍ର ନିୟମ। ତା'ପରେ କେସ ରଫାଦଫା ହେଉଛି ଥାନା ପିଣ୍ଡାରେ। ସେଥିପାଇଁ କେହି ଆଇନକୁ ଡରୁନାହାନ୍ତି। ଗଳାବାଟ ଅଛି ସବୁଆଡେ। ସରକାରୀ ଅର୍ଥ ଖର୍ଚ୍ଚ ହେଉଛି ବର୍ଷବର୍ଷଧରି। ନ୍ୟାୟପାଳିକାରେ ଜଜ୍ ନାହାନ୍ତି। ଗରିବଙ୍କ କେସ ବର୍ଷ ବର୍ଷ ପଡିରହୁଛି କିନ୍ତୁ ଧନୀ ରାଜନେତାଙ୍କ କେସ ରାତି ଦୁଇଟାରେ ଶୁଣାଣି ହେଉଛି। ସେଥିପାଇଁ ଲୋକେ ଖୋଜୁଛନ୍ତି ଆଜାଦୀ ଆଜାଦୀ।



**ଅନିଲ କୁମାର ମହାନ୍ତି**
**ସାମାଜିକ କର୍ମୀ, ବାଲେଶ୍ୱର**

୨୦୧୨ ମସିହା ଡିସେମ୍ବର ୧୬ ତାରିଖରେ ନିର୍ଭୟା ଦୁଷ୍କର୍ମ ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଘଟଣାର ୧୩ ଦିନପରେ ପୀଡିତା ଆଖି ବୁଜିଦେଇଥିଲେ। ମଣିଷ ଯେ କେତେ ହିଂସ୍ର ହୋଇପାରେ ଉକ୍ତ ଘଟଣା ତାହା ସାକ୍ଷୀ। ଆଶାଥିଲା ଭାରତର ନ୍ୟାୟିକ ବ୍ୟବସ୍ଥା ଦୁଷ୍କର୍ମର ଶିକାର ହୋଇଥିବା ନିର୍ଭୟାର ପରିବାରକୁ ନ୍ୟାୟ ପ୍ରଦାନ କରିବ ଏବଂ ନିର୍ଭୟାର ଆତ୍ମା ଶାନ୍ତି ପାଇବ। ୬ଜଣ ନର ରାକ୍ଷସ ଗିରଫ ହେଲେ, ସେଥିରୁ ଜଣେ ଜେଲରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ନାବାଳକ ବୋଲି ଜେଲରୁ ମୁକୁଳି ଗଲା। କିନ୍ତୁ ପ୍ରଶ୍ନ ଉଠୁଛି ଯଦି ଜଣେ ଦୁଷ୍କର୍ମ କରିପାରୁଛି ସେ ନାବାଳକ କେମିତି ହୋଇପାରିବ, ଏ କି ପ୍ରକାର ନ୍ୟାୟ ବ୍ୟବସ୍ଥା। ବାକି ୪ ଜଣ ରାକ୍ଷସଙ୍କୁ ଆମ ନ୍ୟାୟିକ ବ୍ୟବସ୍ଥା ଏଯାଏଁ ଫାଶୀ ଦେଇପାରିନାହିଁ, ଏହାଠାରୁ ଲଜ୍ୟାକର କଥା କଣ ବା ହୋଇପରେ। ନିର୍ଭୟାର ମାଙ୍କୁ ଧନ୍ୟବାଦ ଦେବା କଥା ସେ ଦୀର୍ଘ ୮ବର୍ଷ ଧରି ନ୍ୟାୟ ପାଇଁ ନ୍ୟାୟାଳୟକୁ ଦୌଡୁଛନ୍ତି। ଇତିମଧ୍ୟରେ ସେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ଅନେକ ମାନସିକ ଯନ୍ତ୍ରଣା ମଧ୍ୟ ଭୋଗି ସାରିଲେଣି। ଦୋଷୀଙ୍କ ଓକିଲ ଇତିମଧ୍ୟରେ ଭାରତୀୟ ଆଇନ୍ କାନୁନ୍‌ର ଛିଦ୍ରତାକୁ ଲୋକଲୋଚନକୁ ଆଣି ସାରିଲେଣି, ନହେଲେ କଣ ବାରମ୍ବାର ଫାଶୀ ତାରିଖକୁ ଘୁଞ୍ଚାଇବାରେ ସେ ସଫଳ ହୋଇଥାନ୍ତେ ! ଆମକୁ ଏବେଠୁ ଆଇନ୍ କାନୁନ୍‌ର ରହିଥିବ ଗଳାବାଟକୁ ବନ୍ଦ କରିଦେବା ଦରକାର, ନଚେତ୍ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ରହିବନି ଏବଂ ନିର୍ଭୟା ଘଟଣା ଭଳି ଅନେକ ଘଟଣା ଘଟିପାରେ।



**ଶିବାଶୀଷ ମହାପାତ୍ର**
**ଆଇନଜୀବୀ**

ନା। ମୋ ମତରେ ନିର୍ଭୟା କାଣ୍ଡରେ ଅଭିଯୁକ୍ତମାନଙ୍କ ଫାଶୀଦଣ୍ଡ ବାରମ୍ବାର ସ୍ଥଗିତ ହେବା ଦ୍ୱାରା ଆଇନ ବ୍ୟବସ୍ଥା ଉପରୁ ଭରସା ବଢ଼ିବା କମିବା ସହ କିଛି ସମ୍ପର୍କ ନାହିଁ। ଆଇନ ତା' ବାଟରେ ଯାଉଛି ଓ ଯିବା ଉଚିତ୍ ମଧ୍ୟ। ଆଇନ ବ୍ୟବସ୍ଥାରେ ବରଂ ଶହେ ଦୋଷୀ ଖସିଯାଆନ୍ତୁ ମାତ୍ର ଜଣେ ନିର୍ଦ୍ଦୋଷ ଆଇନ ଫାଶରେ ପଡି ଅଯଥା ଦଣ୍ଡ ନପାଉ। ତା'ପରେ ଯେଭଳି ଅପରାଧରେ ଆଇନରେ ଦଣ୍ଡ ବିଧାନର ବ୍ୟବସ୍ଥା ବିଷୟରେ ଜାଣିବା ଦରକାର। ଆଉ ଗୋଟିଏ କଥା ଅତୀତରେ ଏମିତି ବହୁତ ଜଘନ୍ୟ ଘଟଣା ଘଟିଛି। କେତେଜଣ ଦୋଷୀ ଫାଶୀ ପାଇଛନ୍ତି ! ଛବିରାଣୀ କଥା କ'ଣ ଆମେ ଭୁଲିଗଲେ ! କାହାର କଣ କ୍ଷତି କରିଥିଲେ ସିଏ ! ବେବିନା, ମାମୁନୀ, କୁନ୍ଦୁଲଇ କେତେ ଘଟଣା ଘଟିଛି ! କାହାକୁ କେତେ ଫାଶୀ ହେଇଯାଇଛି। ଯେ ନିର୍ଭୟା ଘଟଣାରେ ତ ଦୋଷୀମାନେ ଅନ୍ତତଃ ଜେଲ୍ ଖଟୁଛନ୍ତି। ଅନ୍ୟ ମାମଲାରେ ତ ଆଇନର ଗଳାବାଟ ଦେଇ କେତେ କେତେ ବଡ ଅପରାଧୀ ଖସିଯିବାର ନଜିର ଅଛି। ଆଜି ନିର୍ଭୟା ଘଟଣାରେ ଏତେ ଆବେଗ କେବଳ ମିଡିଆ କ୍ୟାଚ୍ କଲା ବୋଲି। ନିର୍ଭୟା ପରେ ବି ସେଭଳି ଘଟଣା ବହୁତ ଘଟିଲାଣି। ଆଇନ କାହାରି ଭାବାବେଗରେ ଚାଲିବା ବା ପ୍ରଭାବିତ ହବା ଆଦୌ ଠିକ୍ ନୁହଁ। ଶେଷରେ ଏତିକି କହିବି ପ୍ରଥମ ଘୋଷିତ ତାରିଖରେ ଫାଶୀ ପାଇଥିଲେ ହୁଏତ ସେମାନେ କେବେଠୁ ମରିସାରନ୍ତେଣି। ମାତ୍ର ବାରମ୍ବାର ତାରିଖ ଘୁଞ୍ଚିବା ଫଳରେ ସେ ଚାରି ଅଭିଯୁକ୍ତ ଏବେ ଦୈନିକ ମରୁଛନ୍ତି। ଆଉ ଚାରି ଛଅ ମାସ ଏମିତି ଦହଗଞ୍ଜ ହେଲେ ମୋତେ ଲାଗୁଛି ଦୋଷୀଙ୍କୁ ଉଚିତ୍ ଦଣ୍ଡ ମିଳୁଛି। ତେଣୁ ମୋ ମତରେ ନିର୍ଭୟା କେସରେ ଆମ ଆଇନ ବ୍ୟବସ୍ଥା ଯୋଗୁଁ ଅନ୍ତତଃ ଦୋଷୀମାନେ ଧରାପଡିଛନ୍ତି। ଜେଲରେ ଅଛନ୍ତି। ଫାଶୀ ଦଣ୍ଡର ଆଦେଶ ପାଇଛନ୍ତି। ଫାଶୀଦଣ୍ଡ ଦେଇଥିବା ଆମ ଆଇନ ବ୍ୟବସ୍ଥା ଉପରେ ଆମେ ସମ୍ପୂର୍ଣ୍ଣ ଭରସା ରହିବା ଉଚିତ୍। ଫଶୀଦଣ୍ଡଠୁ ଆଜୀବନ କାରାବାସ ବେଶୀ ଯନ୍ତ୍ରଣାଦାୟକ।



**ଭାଗବତ ପରିଡା**
**ସମାଜସେବୀ**

ନିଶ୍ଚିତ ଭାବେ ଦେଶର ଆଇନ ବ୍ୟବସ୍ଥା ଉପରେ ସାଧାରଣ ନାଗରିକଙ୍କ ଭରସା ତୁଟି ଯାଉଛି। ଟଙ୍କାର ଖେଳରେ କିଏ ଜିତି ଯାଉଛି ତ କିଏ ପୁଣି ହାରିଯାଉଛି। ନିମ୍ନ ଅଦାଲତ, ଯାହାକୁ ଫାଶୀ କିମ୍ବା ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଉଛନ୍ତି, ରାଜ୍ୟ ଅଦାଲତରେ ତର୍କ ମାଧ୍ୟମରେ ସେ ନିର୍ଦ୍ଦେଶକୁ କେତେକାଂଶରେ ବଳବତ୍ତର ରଖାଯାଉଛି ତ କେତେକାଂଶରେ ନିରସ୍ତ କରି ଦିଆଯାଉଛି। ସର୍ବୋଚ୍ଚ ଅଦାଲତକୁ ଯେଉଁ କିଛି କେସ ଆସୁଛି କେବଳ ଟଙ୍କା ଥିବା ଲୋକ ହିଁ ଲଢ଼େଇ କରିପାରିବ ନୋହିଲେ ଗରିବ ଲୋକମାନଙ୍କ ପକ୍ଷେ ସୁପ୍ରିମ୍‌କୋର୍ଟ ଦ୍ୱାର ପହଞ୍ଚିବା କଷ୍ଟକର। ଅଦାଲତ ଅଦାଲତ ମଧ୍ୟରେ ଥିବା ତର୍କର ବହି ଭିନ୍ନ କାହିଁକି ? ଗୋଟିଏ ଗୋଟିଏ କେସ ବର୍ଷ ବର୍ଷ ଧରି ପଡି ରହୁଛି, କେସ ତୁଳନାରେ କୋର୍ଟରେ ଜର୍ଜମାନଙ୍କ ସଂଖ୍ୟା ଢ଼େର କମ। ତାରିଖ ଉପରେ ତାରିଖ ଗୋଟିଏ ରୁଟିଂ ପର୍ଯ୍ୟାୟ ହୋଇଯାଇଛି। ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ନାଗରିକମାନଙ୍କ ମୌଳିକ ଅଧିକାର କେତେକାଂଶରେ କ୍ଷୁର୍ଣ୍ଣ ହେଉଛି। ଗରିବ ଲୋକ ସ୍ଥାନୀୟ ପୋଲିସ ଥାନା ଯିବା ପାଇଁ ଭୟ କରୁଛନ୍ତି। ନ୍ୟାୟ ପାଇବା ପାଇଁ ନିମ୍ନ ଅଦାଲତରେ ପହଞ୍ଚିବା ସେମାନଙ୍କ ପାଇଁ ଦୁର୍ଲ୍ଲଭ। ରାଜ୍ୟ ଅଦାଲତ / ସର୍ବୋଚ୍ଚ ଅଦାଲତକୁ ସେହିମାନେ କେସ ନେଇ ଯାଇପାରିବେ, ଯେଉଁମାନଙ୍କ ପାଖରେ ପ୍ରଚୁର ଅର୍ଥ ରହିଛି। ପ୍ରକାରାନ୍ତରେ କହିବାକୁ ଗଲେ କୋର୍ଟ କଚେରୀ ନ୍ୟାୟ ପ୍ରଦାନ କରିବାରେ ବିଳମ୍ବ କରୁଥିବାରୁ ବ୍ୟବସ୍ଥା ଉପରେ ବିଶ୍ୱାସ ହରେଇବା ସ୍ୱାଭାବିକ। ସର୍ବ ବୃହତ୍ତମ ଗଣତାନ୍ତ୍ରିକ ଦେଶ ଭାରତ, ବିଶ୍ୱର ସବୁଠୁ ବଡ ସମ୍ବିଧାନ। ଶୁଣିବା ପାଇଁ ଭଲ ଲାଗୁଛି। ଲୋକସଂଖ୍ୟା ତୁଳନାରେ ଅଧିକ କୋର୍ଟ ଗଠନ ହେଉ, ଅଧିକ ଜର୍ଜ ନିଯୁକ୍ତି କରାଯାଉ, କେସ ଗୁଡିକର ସମୟସୀମା ନିର୍ଦ୍ଧାରଣ କରାଯାଉ, ତା'ହେଲେ ନ୍ୟାୟାଳୟ ଉପରେ ଲୋକମାନଙ୍କ ଭରସା ବୃଦ୍ଧି ପାଇବ। ଦିଲ୍ଲୀ ନିର୍ଭୟା କେସ ଆରୋପୀ ପକ୍ଷର ଓକିଲ ଆଇନ କାନୁନରେ ଥିବା ଛୋଟ ଛୋଟ ଛିଦ୍ରକୁ ଧରି ତର୍କ ଦେଉଛନ୍ତି। ସେ ତର୍କ ଆଗରେ ସୁପ୍ରିମ୍‌କୋର୍ଟ / ରାଷ୍ଟ୍ରପତି ରାଜକ୍ଷମା ଫିକା ପଡିଯାଉଛି। ସୁପ୍ରିମ୍‌କୋର୍ଟର ନିର୍ଦ୍ଦେଶ ପରେ ମଧ୍ୟ ପଟିଆଲ ହାଉସ କୋର୍ଟ ତାରିଖ ବଦଳେଇବା ନିଶ୍ଚିତ ଭାବେ ସୁପ୍ରିମ୍‌କୋର୍ଟର ସମ୍ମାନ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

କିଛି ମତାମତ ପୃଷ୍ଠା-୭ରେ ...

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି